# ମେଘଦୂତ



ବାଉରିବନ୍ଧୁ ଲେଙ୍କା

Digitized by PPRACHIN, SOA

# ମେଘଦୂତ

(ମୂଳ ସଂସ୍କୃତ ରଚନା – ମହାକବି କାଳିଦାସ)

ଓଡ଼ିଆ ପଦ୍ୟାନୁବାଦ – **ବାଉରିବନ୍ଧୁ ଲେଙ୍କା**

Digitized by PPRACHIN, SOA

# ମେଘଦୂତ

(ଅନୁବାଦ କାବ୍ୟ)


- ମୂଳ ସଂସ୍କୃତ ରଚନା – ମହାକବି କାଳିଦାସ
- ଓଡ଼ିଆ ପଦ୍ୟାନୁବାଦ – ବାଉରିବନ୍ଧୁ ଲେଙ୍କା
- ପ୍ରକାଶକ – ଆସ୍ଥା ମିଡ଼ିଆ, ଭୁବନେଶ୍ୱର
- ପ୍ରଥମ ପ୍ରକାଶ – ୨୦୧୮
- ଅକ୍ଷର ସଜ୍ଜା – ଶିବା ଡି.ଟି.ପି. ସେଣ୍ଟର, ଚଣ୍ଡୀ ଛକ, କଟକ
- ମୁଦ୍ରଣ – ଆନନ୍ଦ ପ୍ରିଣ୍ଟର୍ସ, ଚଣ୍ଡୀ ଛକ, କଟକ


- ସତ୍ତ୍ୱାଧିକାର – ଲେଖକ


- ପ୍ରାପ୍ତିସ୍ଥାନ – ବି୪୦୩, ପର୍ଲ ରେସିଡେନ୍‌ସି,
  ଦୁର୍ଗାମାଧବ ନଗର, ଭୁବନେଶ୍ୱର
  ୮୨୪୯୧୨୮୮୨୫

  Flat No. - B403
  The Pearl Residency
  Durgamadhab Nagar,
  Bhubaneswar
  Mobile : 8249128825

- ମୂଲ୍ୟ – ଟ.୯୦/– ମାତ୍ର Price - Rs.90/- only

Digitized by PPRACHIN, SOA

# ଉତ୍ସର୍ଗ

ଏତେ ବଡ଼ ଏହି ଦୁନିଆରେ ଅନେକ ଝଡ଼ଝଞ୍ଜା ସହ ମୋତେ ମଣିଷ କରିବାରେ ସ୍ୱତନ୍ତ୍ର ଅବଦାନ ରହିଥିବା ମୋର ଦିବଂଗତ ପିତାମାତାଙ୍କର ପବିତ୍ର ସ୍ମୃତିରେ ଏହି ପୁସ୍ତକଟି ଉତ୍ସର୍ଗ କରୁଛି ।

ବାଉରିବନ୍ଧୁ

Digitized by PPRACHIN, SOA

# କୃତଜ୍ଞତା

ପୁସ୍ତକଟି ରଚନା କରିବାରେ ମୋତେ ମାନସିକ ସ୍ତରରେ ଅକୁଣ୍ଠ ସହଯୋଗ ଓ ପ୍ରେରଣା ଦେଇଥିବା ମୋର ଧର୍ମପତ୍ନୀ ପୁଷ୍ପାଞ୍ଜଳି, କନ୍ୟା ଶୁଚିସ୍ମିତା, ପ୍ରୀତିସ୍ମିତା, ପୁତ୍ରବଧୂ ପ୍ରିୟମ୍ବଦା, ପୁତ୍ର ଅମିତ ଓ ଜାମାତା ତାରକେଶ ଓ ସୂର୍ଯ୍ୟପ୍ରକାଶ ଏ ସମସ୍ତଙ୍କୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି ।

ବାଉରିବନ୍ଧୁ

Digitized by PPRACHIN, SOA

# ମହାକବି କାଳିଦାସଙ୍କ ସମ୍ବନ୍ଧରେ ପଦେ...

ମହାକବି କାଳିଦାସ ସଂସ୍କୃତ ସାହିତ୍ୟର ଏକ ଅମର କଳାକାର । କେବଳ ଭାରତୀୟ ସାହିତ୍ୟ ନୁହେଁ, ସମଗ୍ର ବିଶ୍ୱ ସାହିତ୍ୟରେ ଏକ ଅଦ୍ୱିତୀୟ ସ୍ଥାନର ଅଧିକାରୀ । ନିଜର ଅତ୍ୟନ୍ତ ରମଣୀୟ କଳାକୃତି ଗୁଡ଼ିକ ପାଇଁ ସେ ସମଗ୍ର ବିଶ୍ୱର କାବ୍ୟପ୍ରେମୀ ମାନଙ୍କର ଆଦରଣୀୟ ।

ଏହା ଅତ୍ୟନ୍ତ ଦୁଃଖର ବିଷୟ ଯେ, ଏହି ମହାନ୍ କବିଙ୍କର ଜୀବନ ବୃତ୍ତାନ୍ତ ଅତ୍ୟନ୍ତ ବିବାଦଗ୍ରସ୍ତ । ତାଙ୍କର ଜନ୍ମସ୍ଥାନ ଜୀବନକାଳ ଆଦି ବିଷୟରେ ବିଦ୍ୱାନମାନେ ଏକମତ ନୁହନ୍ତି । ପୂର୍ବରୁ ସଂସ୍କୃତ ସାହିତ୍ୟର ଅନେକ କବି ଓ ଲେଖକ ଆତ୍ମପ୍ରଚାର ଠାରୁ ଦୂରରେ ରହି ନିଜର ଗ୍ରନ୍ଥମାନଙ୍କରେ ନିଜର ପରିଚୟ ବିଷୟରେ ବହୁତ କମ୍ ତଥ୍ୟ ପ୍ରଦାନ କରୁଥିଲେ । କାଳିଦାସ ମଧ୍ୟ ନିଜ ଗ୍ରନ୍ଥ ମାନଙ୍କରେ ନିଜ ବିଷୟରେ ବିଶେଷ କିଛି ଉଲ୍ଲେଖ କରିନାହାନ୍ତି । ଏଣୁ କିମ୍ବଦନ୍ତୀ ତଥା ଅନୁସନ୍ଧାନ ଦ୍ୱାରା ଆମେ କାଳିଦାସଙ୍କ ଜୀବନ ବୃତ୍ତାନ୍ତ ସମ୍ବନ୍ଧରେ ଜାଣିବାକୁ ପାଇଥାଉ । ଏକ କିମ୍ବଦନ୍ତୀକୁ ଆଧାର କରି କୁହାଯାଏ ଯେ, କାଳିଦାସ ଆଗରୁ ମହାମୂର୍ଖ ଥିଲେ । ତାଙ୍କର ବିବାହ ବିଦ୍ୟୋତ୍ତମା ନାମକ ଏକ ରାଜକନ୍ୟାଙ୍କ ସହିତ ହୋଇଥିଲା । ତାଙ୍କର ମୂର୍ଖତାରେ କ୍ରୋଧାନ୍ୱିତ ହୋଇ ସେ ତାଙ୍କୁ ଘରୁ ବାହାର କରି ଦେଇଥିଲେ । ତତ୍ପରେ ସେ ମାତା ସରସ୍ୱତୀଙ୍କୁ ଆରାଧନା କରି କବିତ୍ୱ ଶକ୍ତି ପ୍ରାପ୍ତ ହୋଇ ମହାକବି ଭାବେ ପ୍ରତିଷ୍ଠିତ ହୋଇପାରିଥିଲେ ।

କାଳିଦାସ ରାଜା ବିକ୍ରମାଦିତ୍ୟଙ୍କ ସମକାଳୀନ ଥିଲେ ବୋଲି ଜଣାଯାଏ । ବିକ୍ରମାଦିତ୍ୟଙ୍କ ନବରତ୍ନ ପଣ୍ଡିତମାନଙ୍କ ମଧ୍ୟରେ କାଳିଦାସ ଥିଲେ ଅନ୍ୟତମ । କାଳିଦାସଙ୍କର ଜନ୍ମସ୍ଥାନ ସମ୍ବନ୍ଧରେ ମଧ୍ୟ ଅନେକ ମତଭେଦ ଦେଖାଯାଏ । ତାଙ୍କର ଗ୍ରନ୍ଥମାନଙ୍କରେ ବିଶେଷ କରି ମେଘଦୂତ କାବ୍ୟରେ ଉଜ୍ଜୟିନୀର ବର୍ଣ୍ଣନାକୁ ଅତ୍ୟଧିକ ମହତ୍ୱ ଦିଆଯାଇଥିବାରୁ ଉଜ୍ଜୟିନୀକୁ ତାଙ୍କର ଜନ୍ମସ୍ଥାନ ବୋଲି ଅନେକ ମାନିଥାନ୍ତି ।

କାଳିଦାସଙ୍କର ଅନେକ ଗୁଡ଼ିଏ ରଚନା ଅଛି ବୋଲି କୁହାଯାଏ । ହେଲେ ପ୍ରାମାଣିକତା ଦୃଷ୍ଟିରୁ ଯେଉଁ ୭ଟି ଗ୍ରନ୍ଥ ଆମେ ଦେଖିବାକୁ ପାଉ ସେଗୁଡ଼ିକ ହେଲା– ୧– ଋତୁସଂହାର, ୨– ମେଘଦୂତ, ୩– ମାଳବୀକାଗ୍ନିମିତ୍ର, ୪– ବିକ୍ରମୋର୍ବଶୀୟ, ୫– ଅଭିଜ୍ଞାନସାକୁନ୍ତଳ, ୬– କୁମାରସମ୍ଭବ, ୭– ରଘୁବଂଶ । ପ୍ରଥମ ୨ଟି ଖଣ୍ଡ କାବ୍ୟ, ଅନ୍ତିମ ୨ଟି ମହାକାବ୍ୟ ଓ ଅନ୍ୟ ୩ଟି ନାଟକ ଅଟେ । ✽✽✽

Digitized by PPRACHIN, SOA

# ମେଘଦୂତ ସମ୍ବନ୍ଧରେ ପଦେ...

ମେଘଦୂତ ମହାକବିଙ୍କ ଦ୍ୱାରା ରଚିତ ଏକ ସମୁଧୁର ଗୀତିକାବ୍ୟ । ଏହି କାବ୍ୟକୁ କେଉଁଠି କେଉଁଠି "ମେଘ ସନ୍ଦେଶ" ବୋଲି କହିଥାନ୍ତି । ଏହି କାବ୍ୟକୁ ଦୁଇଟି ଭାଗରେ ରଚନା କରାଯାଇଛି । ପ୍ରଥମ ଭାଗକୁ 'ପୂର୍ବ ମେଘ' ଓ ଦ୍ୱିତୀୟ ଭାଗକୁ 'ଉତ୍ତର ମେଘ' ରୂପେ ନାମିତ କରାଯାଇଛି । ପୂର୍ବମେଘରେ ୬୭ଟି ଶ୍ଳୋକ ସ୍ଥାନ ପାଇଥିବା ବେଳେ ଉତ୍ତର ମେଘରେ ୫୨ଟି ଶ୍ଳୋକ ସ୍ଥାନ ପାଇଛି । କେତେକ ଟୀକାକାର ଉତ୍ତର ମେଘରେ ଆଉ ଦୁଇଟି ଶ୍ଳୋକ ଯୋଡ଼ି ଏହାକୁ ୫୪ଟି ଶ୍ଳୋକ ବିଶିଷ୍ଟ କରିଛନ୍ତି । କିନ୍ତୁ ଏହା ସର୍ବ ସମ୍ମତ ହୋଇ ନଥିବାରୁ ଏହି ଦୁଇଟି ଶ୍ଳୋକକୁ ମୋର ଓଡ଼ିଆ ପଦ୍ୟାନୁବାଦରେ ସ୍ଥାନ ଦିଆଯାଇ ନାହିଁ ।

ମେଘଦୂତ ସଂସ୍କୃତରେ ରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ ସର୍ବପ୍ରଥମ ଗୀତିକାବ୍ୟ । ଏହା କେବଳ ସଂସ୍କୃତ ସାହିତ୍ୟ ନୁହେଁ, ସମଗ୍ର ବିଶ୍ୱ ସାହିତ୍ୟରେ ଏକ ଅମର କୃତି ରୂପେ ଗଣାଯାଏ । ନିଜର କାବ୍ୟ ସୌନ୍ଦର୍ଯ୍ୟ ଦ୍ୱାରା ଏହି କାବ୍ୟ କେବଳ ସଂସ୍କୃତ ଭାଷା ବା ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ସହୃଦୟ କାବ୍ୟପ୍ରେମୀ ମାନଙ୍କୁ ଆକୃଷ୍ଟ କରିଛି । ଏହାର ରସମୟତା, ମାର୍ମିକ ଭାବବ୍ୟଞ୍ଜନା, କଳ୍ପନାର କମନୀୟତା, କଳାତ୍ମକତା, ଅନ୍ତଃ ପ୍ରକୃତି ତଥା ବାହ୍ୟ ପ୍ରକୃତିର ସୁନ୍ଦର ଚିତ୍ରଣ ତଥା ଗୀତିମୟତା ଆଦି କାବ୍ୟ-ବିଶେଷତା ପୁଞ୍ଜୀଭୂତ ହୋଇ ଏହି କାବ୍ୟର ଶୋଭା ବର୍ଦ୍ଧନ କରିଛନ୍ତି ।

ଏକ ବିରହୀ ଯକ୍ଷ ତାର ପ୍ରିୟତମା ନିକଟକୁ ମେଘ ମାଧ୍ୟମରେ ସନ୍ଦେଶ ପ୍ରେରଣ କରୁଛି । ଏତିକି ମାତ୍ର କଥାବସ୍ତୁକୁ କବି ନିଜର ସୂକ୍ଷ୍ମ ତଥା ଭାବୁକ ଦୃଷ୍ଟିରେ ଏକ ରସମୟ ଚିତ୍ରଣ କରି ୧୧୯ଟି ଶ୍ଳୋକ ସମନ୍ୱିତ ଏକ ରମଣୀୟ ଖଣ୍ଡକାବ୍ୟ ରଚନା କରି ପାରିଛନ୍ତି । ମହାକବିଙ୍କର କଳ୍ପନା ଚାତୁରୀ, ଶୃଙ୍ଗାର ରସର ଅବତାରଣା, ପ୍ରକୃତିର ନିଖୁଣ ଚିତ୍ରଣ ଓ ବିଭିନ୍ନ ଅଳଙ୍କାର ପ୍ରୟୋଗ ଦ୍ୱାରା ଖଣ୍ଡକାବ୍ୟଟି ଅତ୍ୟନ୍ତ ଉଚ୍ଚକୋଟୀର ରଚନା ଭାବେ ପରିଗଣିତ ।

Digitized by PPRACHIN, SOA

## ପୂର୍ବମେଘର କଥାବସ୍ତୁ

ଧନପତି କୁବେରଙ୍କର କୌଣସି ଏକ ସେବକ (ଯକ୍ଷ) ନିଜର ପ୍ରିୟତମାର ପ୍ରେମରେ ପଡ଼ି ନଜ କର୍ତ୍ତବ୍ୟ ସଂପାଦନରେ ଅବହେଳା କରି ବସେ । ତା'ର ଦଣ୍ଡସ୍ୱରୂପ କୁବେର ତାକୁ ଏକବର୍ଷ ପର୍ଯ୍ୟନ୍ତ ଅଳକାପୁରୀରୁ ନିର୍ବାସିତ କରନ୍ତି । ନିଜ ପ୍ରିୟାଠାରୁ ଦୂରରେ ଯକ୍ଷ ରାମଗିରି ପର୍ବତ ଉପରେ ନିଜର ବିରହର ଦିନଗୁଡ଼ିକୁ ଅତିବାହିତ କରେ । ଆଠମାସ ଅତିକ୍ରମ କଲାପରେ ଆଷାଢ଼ ମାସର ଧରାପୃଷ୍ଠରେ ଆଗମନ ହୁଏ । ଆକାଶରେ ମେଘଖଣ୍ଡମାନ ଦେଖି ଯକ୍ଷର ମନରେ ବିରହ ବେଦନା ଅତିଶୟ ହେବାକୁ ଲାଗେ । ବିରହର ଜ୍ୱାଳାରେ ଯକ୍ଷ ମେଘ ମାଧ୍ୟମରେ ନିଜ ପ୍ରିୟା ପାଖକୁ ସନ୍ଦେଶ ପ୍ରେରଣ ପାଇଁ ବିହ୍ୱଳ ହୋଇଉଠେ । ବିଭିନ୍ନ ପ୍ରକାର ପୁଷ୍ପସମ୍ଭାର ନେଇ ସେ ମେଘକୁ ସ୍ୱାଗତ କରେ ଏବଂ ଏହିପରି ପ୍ରାର୍ଥନା କରିବାକୁ ଆରମ୍ଭ କରେ :- "ହେ ମେଘ ! ତୁମେ ଦୁଃଖୀମାନଙ୍କର ଏକମାତ୍ର ରକ୍ଷାକାରୀ । କୁବେର ଦ୍ୱାରା ବିତାଡିତ ହୋଇ ବିରହ ଦୁଃଖରେ ମୁଁ ସନ୍ତପ୍ତ । ମୋର ସନ୍ଦେଶକୁ ଅଳକାପୁରୀରେ ଥିବା ମୋ ପ୍ରିୟା ନିକଟରେ ପହଞ୍ଚାଇ ଦିଅ । ଏହି ସମୟରେ ମନ୍ଦ ମନ୍ଦ ପବନ ବହୁଛି । ତୁମର ବାମ ପାର୍ଶ୍ୱରେ ଚାତକ ପକ୍ଷୀମାନେ ସୁମଧୁର ସ୍ୱରରେ ଗୀତ ଗାନ କରୁଛନ୍ତି । ଆକାଶରେ ହଂସମାନେ ଉଡ଼ିଯାଉଛନ୍ତି । ଏହା ତୁମର ଯାତ୍ରା ପାଇଁ ଅତ୍ୟନ୍ତ ଶୁଭ ଲକ୍ଷଣ ପ୍ରଦାନ କରୁଛି । ତୁମ ପ୍ରସ୍ଥାନ ପୂର୍ବରୁ ତୁମ ଗମନ ମାର୍ଗ ସମ୍ବନ୍ଧରେ ମଧ୍ୟ ମୁଁ କହିଦେବି । ଏଠାରୁ ଯିବା ପରେ ତମେ ମାଳ ପ୍ରଦେଶ ଅତିକ୍ରମ କରି ଆମ୍ରକୂଟ ପର୍ବତରେ ପହଞ୍ଚିବ । ତତ୍‌ପରେ ତୁମର ବିନ୍ଧ୍ୟାଚଳର ନିମ୍ନଦେଶରେ ପ୍ରବହମାନା ନର୍ମଦା ନଦୀ ସହ ସାକ୍ଷାତ ହେବ । ସେଠାରୁ ଅଗ୍ରସର ହେଲେ ତୁମେ ବିଦିଶା, ବେତ୍ରବତୀ ନଦୀ ଏବଂ ନିଚୈ ଗିରିକୁ ଦେଖିବାକୁ ପାଇବ । ହେ ମେଘ ! ଯଦିଓ ତୁମକୁ ଟିକିଏ ବଙ୍କା ରାସ୍ତାରେ ଯିବାକୁ ପଡ଼ିବ ତଥାପି ତମେ ସ୍ୱର୍ଗ ସମାନ ଉଜ୍ଜୟିନୀ ନଗରୀକୁ ଦେଖିକରି ହିଁ ଆଗକୁ ପ୍ରସ୍ଥାନ କରିବ । ସେହି ଉଜ୍ଜୟିନୀ ନଗରୀ ନିର୍ବିନ୍ଧ୍ୟା ନଦୀର ପାଖରେ ଅବନ୍ତୀ ପ୍ରଦେଶରେ ଅବସ୍ଥିତ ଏକ ଅତି ସୁନ୍ଦର ବୈଭବମୟୀ ନଗରୀ ଅଟେ । ସେଠାରେ ଭଗବାନ ମହାକାଳଙ୍କ ମନ୍ଦିର ରହିଛି । ତୁମେ ତାଙ୍କର ଦର୍ଶନ ଅବଶ୍ୟ ହିଁ କରିବ ଏବଂ ରାତ୍ରି ଯାପନ ସେଠାରେ ହିଁ କରିବ । ସେଠାରୁ ଆଗକୁ ଗଲେ ଗମ୍ଭୀରାନଦୀ, ଦେବଗିରି, ଚର୍ମରାବତୀ ନଦୀ, ଦଶପୁର ଏବଂ କୁରୁକ୍ଷେତ୍ର ସହ ସାକ୍ଷାତ ହେବ । କୁରୁକ୍ଷେତ୍ରରେ ପ୍ରବହମାନା ସରସ୍ୱତୀ ନଦୀର ଜଳପାନ କରି

Digitized by PPRACHIN, SOA

ଆଗକୁ ପ୍ରସ୍ଥାନ କଲେ ତୁମେ କନଖଳ ତୀର୍ଥରେ ପହଞ୍ଚିବ ଏବଂ ସେଠାରୁ ଆଗକୁ ଗଲେ ହିମାଳୟରେ ପହଞ୍ଚିବ । ହିମାଳୟରେ ଦେବଦାରୁ ବୃକ୍ଷର ସବୁଜ ଘନ ବନାନୀ ଓ ସେଠାରେ ନୃତ୍ୟରତା ସୁନ୍ଦରୀ କିନ୍ନରୀମାନେ ତୁମର ଦୃଷ୍ଟିଗୋଚର ହେବେ । ଏଣୁ ହିମାଳୟରେ କୌଣସି ଶୃଙ୍ଗ ଉପରେ କିଛି ସମୟ ବିଶ୍ରାମ କରି ଉତ୍ତର ଦିଗ ଆଡ଼େ ଆଗକୁ ଅଗ୍ରସର ହେବ । ଉତ୍ତର ଦିଗରେ ଥିବା କ୍ରୌଞ୍ଚରନ୍ଧ୍ର ମଧ୍ୟଦେଇ ଯିବ ଓ ଶିବଙ୍କ ନିବାସସ୍ଥାନ କୈଳାଶ ପର୍ବତରେ ପହଞ୍ଚିବ । ସେହି ପର୍ବତ ଉପରେ ଥିବା ଅଳକାପୁରୀକୁ ତୁମେ ତାର ଉଚ୍ଚ ଉଚ୍ଚ ପ୍ରାସାଦମାଳା ଦେଖି ସହଜରେ ଜାଣିପାରିବ ।''

**ଉତ୍ତରମେଘର କଥାବସ୍ତୁ**

ଉତ୍ତରମେଘର ଆରମ୍ଭ ଅଳକାପୁରୀର ବର୍ଣ୍ଣନାରୁ ହୋଇଛି । ମାର୍ଗ ନିର୍ଦ୍ଦେଶ କରିବା ପରେ ଯକ୍ଷ ମେଘକୁ କହୁଛି–

''ହେ ବନ୍ଧୁ ଅଳକାପୁରୀ ଅତ୍ୟନ୍ତ ରମଣୀୟ ନଗରୀ । ସେଠାରେ ଥିବା ପ୍ରାସାଦଗୁଡ଼ିକ ତୁମ ସହ ତୁଳନୀୟ । ସେଗୁଡ଼ିକ ମଣି ଓ ସ୍ଫଟିକରେ ନିର୍ମିତ । ବିଭିନ୍ନ ସାଜସଜ୍ଜାରେ ସୁନ୍ଦର ଭାବେ ସଜ୍ଜିତ । ସେଠାରେ ନାରୀମାନେ ଅତ୍ୟନ୍ତ ସୁନ୍ଦରୀ । ଷଡ଼ଋତୁର ସୌନ୍ଦର୍ଯ୍ୟ ସବୁ ସମୟରେ ସେ ସ୍ଥାନରେ ବିଦ୍ୟମାନ । କୌଣସି ପ୍ରକାର ଦୁଃଖ ଦୈନ୍ୟ ଦେଖିବାକୁ ମିଳେ ନାହିଁ । କଳ୍ପବୃକ୍ଷ ସେଠାରେ ସମସ୍ତ ଆବଶ୍ୟକତା ତତ୍କାଳ ପୂରଣ କରିଥାଏ । ଏହି ବୈଭବମୟୀ ନଗରୀରେ କୁବେରଙ୍କ ଭବନର ଉତ୍ତରଦିଗରେ ମୋର ଘର ଅବସ୍ଥିତ । ତା'ର ଦ୍ୱାର ଦେଶରେ ଏକ ତୋରଣ ତୁମକୁ ଦୂରରୁ ଦୃଷ୍ଟିଗୋଚର ହେବ । ସେହି ଘର ନିକଟରେ ଏକ ସୁନ୍ଦର ମନ୍ଦାର ବୃକ୍ଷ ଓ ସରୋବର ଅଛି । ସେହି ସରୋବରର ତଟ ଦେଶରେ ଏକ କ୍ରୀଡ଼ାଶୈଳ ଶୋଭାପାଉଛି । ଘରର ଉଦ୍ୟାନରେ ଏକ ଆଶୋକ ଓ ଏକ ବକୁଳ ବୃକ୍ଷ ମଧ୍ୟ ଅଛି । ଘରର ଦ୍ୱାର ଦେଶରେ ଶଙ୍ଖ ଓ ପଦ୍ମ ଚିତ୍ର ଚିତ୍ରିତ ହୋଇଛି । ଏସବୁ ସଂକେତରୁ ତୁମେ ଅତି ସହଜରେ ମୋର ଘର ଚିହ୍ନିପାରିବ । ଏହି ଗୃହରେ ଏକ କ୍ଷୀଣକଟି, ବିମ୍ବଓଷ୍ଠୀ, ଚକିତହରିଣୀ ନୟନା, ନିମ୍ନନାଭି ଯୌବନର ଭାରରେ ଅବନମିତା ଏବଂ ବ୍ରହ୍ମା ଦ୍ୱାରା ସୃଷ୍ଟିର ପ୍ରଥମ ରଚନା ଏକ ଅତ୍ୟନ୍ତ ସୁନ୍ଦରୀ ନାରୀଙ୍କୁ ଦେଖିବାକୁ ପାଇବ । ତାଙ୍କୁ ହିଁ ମୋର ପ୍ରିୟା ବୋଲି ଭାବିନେବ । ସେ ମୋର ଅନ୍ୟ ଏକ ପ୍ରାଣ । ମୁଁ

Digitized by PPRACHIN, SOA

ଅନୁମାନ କରୁଛି ଯେ ବିରହାଗ୍ନିରେ ସେ ସମ୍ପୂର୍ଣ୍ଣ ରୂପେ ଝାଉଁଳି ଯାଇଥିବ । ହେ ମେଘ ! ଦିନରେ ତା'ର ସଖୀମାନେ ତାକୁ ଘେରିକରି ରହିଥିବେ । ତେଣୁ ତୁମେ ରାତ୍ରିରେ ଶୟନଗୃହର ଗବାକ୍ଷରେ ବସି ତା'ସହିତ ସାକ୍ଷାତ କରିବ । ସେ ସମୟରେ ଯଦି ତାକୁ ନିଦ ଆସିଯାଇଥିବ ତା'ହେଲେ ତୁମେ ଗର୍ଜନ ନକରି କିଛି ସମୟ ଅପେକ୍ଷା କରିନେବ । ତପ୍ରରେ ତୁମର ଜଳକଣା ମିଶ୍ରିତ ବାୟୁରେ ତାକୁ ଜାଗ୍ରତ କରାଇ ମୋର ସନ୍ଦେଶ କହିବ । ସର୍ବପ୍ରଥମେ ତାକୁ ଏହି କଥା କହିବ କି ହେ ଅବଳେ ! ରାମଗିରିରେ ଥିବା ତୁମର ବିରହୀ ପ୍ରିୟ ତୁମର କୁଶଳ ଜାଣିବାକୁ ଚାହିଁଛନ୍ତି । ତୁମର ପ୍ରିୟତମ ତୁମ ବିରହରେ ନିଜକୁ ଅତ୍ୟନ୍ତ ଅସହାୟ ମଣୁଛନ୍ତି । ବିଭିନ୍ନ କଳ୍ପନା କରି ସେ ନିଜକୁ ସାନ୍ତ୍ୱନା ଦେଉଛନ୍ତି । ଏଣୁ ହେ କୃଶାଙ୍ଗୀ ତୁମେ ଅଧୈର୍ଯ୍ୟ ହୁଅ ନାହିଁ । ସୁଖ ଓ ଦୁଃଖ ଏହି ସଂସାରର ଏକ କ୍ରମ ଅଟେ । ନିଶ୍ଚୟ ଏକ ସମୟରେ ତୁମ ଦୁଃଖର ସମାପ୍ତି ଘଟିବ । ବିରହର ଅବଶିଷ୍ଟ ଚାରିମାସ ଆଖି ବନ୍ଦ କରି କାଟିଦିଅ । ଏହାପରେ ତ କେବଳ ପ୍ରିୟତମର ସମ୍ଭୋଗ ସୁଖ ଉପଭୋଗ କରିବ । ଏହିପରି ପ୍ରିୟାକୁ କହିବାର ଥିବା ସମସ୍ତ ସନ୍ଦେଶକୁ ମେଘକୁ କହିସାରିବା ପରେ ଯକ୍ଷ ପୁନଃ ମେଘକୁ କହୁଛି ହେ ଭାଇ ! ତୁମେ ସର୍ବଦା ଦୁଃଖୀମାନଙ୍କୁ ଦୟା କରିଥାଅ । ଏଣୁ ମୋ ପରି ଏକ ଦୁଃଖୀର ଦୁଃଖ ଦୂର କରିବା ପାଇଁ ମୋ ପ୍ରିୟା ପାଖରେ ମୋ ସନ୍ଦେଶ ପହଞ୍ଚାଇ ଦେବ । ଏହାପରେ ତୁମେ ଯୁଆଡ଼େ ଇଚ୍ଛା ଯାଇପାର । ହେ ବନ୍ଧୁ ! ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ଯେ, ମୋ ପରି ତୁମର କେବେହେଲେ ବି ତୁମର ପତ୍ନୀ ବିଦ୍ୟୁତ୍ ଠାରୁ ବିୟୋଗ ନହେଉ ।

## ମେଘଦୂତରେ ପ୍ରେମ

କାଳିଦାସଙ୍କର ପ୍ରତ୍ୟେକ ରଚନା ପ୍ରେମରସରେ ପରିପୂର୍ଣ୍ଣ । ମେଘଦୂତ କାବ୍ୟ ପ୍ରେମର ଅଥଳ ସାଗର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ବର୍ଣ୍ଣିତ ବିଶୁଦ୍ଧ ପ୍ରେମର ଉତ୍କଣ୍ଠା ବହୁତ କମ୍ କାବ୍ୟରେ ଦେଖିବାକୁ ମିଳିଥାଏ । କାମୁକତା ଓ ପ୍ରେମ ସମାନ ନୁହେଁ । ପ୍ରେମ ଶୁଭ୍ର ଚନ୍ଦ୍ରମା ପରି ଶୀତଳ ଆଲୋକ ପ୍ରଦାନ କରି ସମାଜକୁ ଆଲୋକିତ କରିଥାଏ ଓ ଏଥିରେ ମାନବ ନିଜର କର୍ତ୍ତବ୍ୟପଥରେ ଦ୍ରୁତଗତିରେ ଅଗ୍ରସର ହୋଇଥାଏ । କାମର ଲକ୍ଷ୍ୟ ବିଷୟ ଲାଳସାକୁ ତୃପ୍ତ କରିବା ମାତ୍ର ପ୍ରେମର ଲକ୍ଷ୍ୟ ପ୍ରିୟତମର ତୃପ୍ତି ଏବଂ ଆତ୍ମତ୍ୟାଗ ଅଟେ ।

Digitized by PPRACHIN, SOA

ମେଘଦୂତରେ କାମୁକତାକୁ ସମର୍ଥନ କରାଯାଇନାହିଁ । ଏହାର ପ୍ରଥମ ଶ୍ଳୋକରେ ହିଁ ରତିସୁଖରେ ବ୍ୟସ୍ତ ରହି ନିଜର କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଧନପତି କୁବେର କାବ୍ୟ ନାୟକ ଯକ୍ଷକୁ ଏକବର୍ଷ ପର୍ଯ୍ୟନ୍ତ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି । କାମର କୁତ୍ସିତ ମାର୍ଗରୁ ବିଚ୍ୟୁତ କରିବା ପାଇଁ ଯକ୍ଷର ନିର୍ବାସନ ରାମଗିରି ଆଶ୍ରମରେ ହୋଇଛି ବୋଲି କାବ୍ୟରେ ବର୍ଣ୍ଣିତ । ଏହି ରାମଗିରି ଆଶ୍ରମ ଜନକତନୟା ସୀତାଙ୍କର ପବିତ୍ର ସ୍ନାନ ଜଳରେ ଧୌତ ହୋଇ ପବିତ୍ର ହୋଇଛି । ପ୍ରାୟଶ୍ଚିତ ସ୍ୱରୂପ କବି ଯକ୍ଷକୁ ରାମଗିରିରେ ଏକବର୍ଷ ପର୍ଯ୍ୟନ୍ତ ରଖିକରି ତାକୁ କାମଦୋଷରୁ ମୁକ୍ତ କରିବା ସହ ବିଶୁଦ୍ଧ ପ୍ରେମର ଅଧିକାରୀ କରିଛନ୍ତି । ପ୍ରାରମ୍ଭରୁ ହିଁ କବି ପାଠକମାନଙ୍କୁ ସଚେତ କରିବାକୁ ଚାହିଁଛନ୍ତି ଏବଂ କାବ୍ୟମାଧ୍ୟମରେ ଦର୍ଶାଇବାକୁ ଚାହାଁନ୍ତି ଯେ କାମ ଲାଳସାରେ ମୋହିତ ହୋଇ କର୍ତ୍ତବ୍ୟରେ ଅବହେଳା କଲେ ଦଣ୍ଡ ଅବଶ୍ୟ ମିଳିବ । ଏଣୁ ମେଘଦୂତରେ ବର୍ଣ୍ଣିତ ପ୍ରେମକୁ କାମାତ୍ମକ ବୋଲି କୁହାଯାଇ ପ୍ରେମାତ୍ମକ ବୋଲି କୁହାଯାଏ ।

ମେଘଦୂତରେ ବର୍ଣ୍ଣିତ ପ୍ରେମ କୌଣସି ପରକୀୟା ପ୍ରୀତି ନୁହେଁ ବରଂ ଏହା ଯକ୍ଷର ପତିବ୍ରତା ଗୃହିଣୀ ସହ ପ୍ରେମ । ଏହି ପ୍ରେମରେ ଉତ୍କଣ୍ଠା ଅଛି, ତ୍ୟାଗ ଅଛି ଓ ଏକାତ୍ମତା ଅଛି । ଯଦିଓ ଯକ୍ଷ ବଧୂ ବିରହାଗ୍ନିରେ ଜଳି ଜଳି ରହିଛନ୍ତି ତଥାପି ସେ ନିଜର ପ୍ରିୟତମ ଲାଗି ଦେବ ଆରାଧନା ଆଦି କାର୍ଯ୍ୟ ନିୟମିତ ଭାବେ ସମ୍ପାଦନ କରିଛନ୍ତି ।

ପ୍ରେମରେ ମିଳନ ଓ ବିରହ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି । ପ୍ରେମରେ ବିରହ ପରେ ମିଳନ ହେଲେ ଆନନ୍ଦ ବହୁଗୁଣିତ ହୋଇଥାଏ । ବିରହ ସମୟରେ ସମ୍ଭୋଗ ନହେବା କାରଣରୁ ସ୍ନେହଭାବ କମ୍ ହୋଇଯାଏ କହିବା ଠିକ୍ ନୁହେଁ ବରଂ ସମ୍ଭୋଗ ନହେବା ହେତୁ ପ୍ରିୟ ପ୍ରତି ସ୍ନେହ ଅଧିକ ବଢ଼ି ବଢ଼ି ଚାଲେ । ଏହିଭଳି ଭାବରେ ମେଘଦୂତରେ ବର୍ଣ୍ଣିତ ପ୍ରେମ ଅତ୍ୟନ୍ତ ପବିତ୍ର ଓ ବିଶୁଦ୍ଧ । ଏହା ଧର୍ମ ଏବଂ କର୍ତ୍ତବ୍ୟକୁ ଏକ ସଙ୍ଗେ ନେଇ ଆଗକୁ ଆଗେଇ ଏକ ଅତ୍ୟୁଚ୍ଚ ଭୂମିକାରେ ପ୍ରତିଷ୍ଠିତ ।

## ମେଘଦୂତରେ ପ୍ରକୃତି ଚିତ୍ରଣ

କାଳିଦାସଙ୍କର ପ୍ରତ୍ୟେକ କାବ୍ୟରେ ପ୍ରକୃତିର ଭବ୍ୟରୂପ ଅତି ସୁନ୍ଦର ଭାବରେ ଚିତ୍ରିତ କରାଯାଇଛି । ମେଘଦୂତରେ ପ୍ରକୃତିର ଚିତ୍ରଣ ଅନନ୍ୟ । କେବଳ ପ୍ରାକୃତିକ

Digitized by PPRACHIN, SOA

ବସ୍ତୁମାନଙ୍କର ନାମ ମାତ୍ର ବର୍ଣ୍ଣନରେ ସେ ସନ୍ତୁଷ୍ଟ ହୋଇନାହାଁନ୍ତି । ସେ ପ୍ରକୃତିର ସମ୍ପୂର୍ଣ୍ଣ ଚିତ୍ର ଅତି ସୁନ୍ଦର ଭାବେ ଚିତ୍ରଣ କରିଥାନ୍ତି । ତାଙ୍କର କୌଣସି ବି ଗ୍ରନ୍ଥରେ ବନ, ଉପବନ, ନଦୀ, ନିର୍ଝର, ପୁଷ୍ପ, ଲତା ପଶୁପକ୍ଷୀ ଏବଂ ଋଷି ଆଶ୍ରମ ଆଦିର ସୁନ୍ଦର ବର୍ଣ୍ଣନା ଦେଖିବାକୁ ମିଳେ ।

ମେଘଦୂତର ଆରମ୍ଭରେ ସେ ରାମଗିରି ଆଶ୍ରମର ବର୍ଣ୍ଣନା କରିଛନ୍ତି ଯେଉଁଠାରେ ବୃକ୍ଷର କୋମଳ ଛାୟା ଏବଂ ପବିତ୍ର ପୁଷ୍କରିଣୀ ଯେଉଁଥିରେ ସୀତା ସ୍ନାନ କରିଥିଲେ ତାହାର ଉଲ୍ଲେଖ କରିଛନ୍ତି ।

ବର୍ଷାର ପ୍ରାରମ୍ଭରେ ଆକାଶରେ ମେଘଖଣ୍ଡ, ମନ୍ଦ ମନ୍ଦ ପବନ ବହିବା, ଚାତକ ପକ୍ଷୀମାନଙ୍କର ସୁମଧୁର ସ୍ୱନ, ଆକାଶରେ ଉଡ଼ିଯାଉଥିବା ହଂସପଂକ୍ତି, ଗ୍ରାମୀଣ କୃଷକ ରମଣୀମାନଙ୍କର ଆକାଶରେ ଭା ଯାଉଥିବା ମେଘଖଣ୍ଡ ମାନଙ୍କୁ ଦେଖିବା ଏବଂ ପାଣ୍ଡୁର ବର୍ଣ୍ଣର ପର୍ବତ ଉପରେ କଳା କଳା ମେଘଖଣ୍ଡର ଦୃଶ୍ୟକୁ ଅତି ନିଖୁଣ ଭାବେ ଚିତ୍ରଣ କରାଯାଇଛି ।

କବିଙ୍କର ଭାବୁକ ଦୃଷ୍ଟି ନଦୀମାନଙ୍କର ତରଙ୍ଗର ହାବଭାବ ଓ ସେମାନଙ୍କର କ୍ଷୀଣ ଧାରାରେ ବିରହିଣୀ ନାୟିକାର କୃଶତାକୁ ଅନୁଭବ କରିଛନ୍ତି । ରାତ୍ରିରେ ପ୍ରାସାଦର ଛାତ ଉପରେ ଶୋଇଥିବା କପୋତ ଉପରେ ମଧ କବିଙ୍କର ଦୃଷ୍ଟି ପଡ଼ିଛି ଏବଂ ତାହାର ବର୍ଣ୍ଣନା ଏକ ଶ୍ଳୋକରେ କରିଛନ୍ତି ।

ଉତ୍ତରମେଘରେ ଅଳକାପୁରୀର ଅତି ମନୋରମ ବର୍ଣ୍ଣନା, ନାରୀମାନଙ୍କର ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ପୁଷ୍ପରେ ପିନ୍ଧୁଥିବା ଆଭୂଷଣର ବର୍ଣ୍ଣନା ଅତ୍ୟନ୍ତ ଚିତାକର୍ଷକ ହୋଇଛି ।

Digitized by PPRACHIN, SOA

# ମେଘଦୂତ ଖଣ୍ଡକାବ୍ୟର ଭାବାତ୍ମକ ଓଡ଼ିଆ ପଦ୍ୟାନୁବାଦ ସମ୍ବନ୍ଧରେ ପଦେ...

ମହାକବିଙ୍କର ଏହି ମେଘଦୂତ କାବ୍ୟର ଓଡ଼ିଆ ପଦ୍ୟାନୁବାଦ କରିବାର ଧୃଷ୍ଟତା କାହିଁକି ମୋ ମନରେ ଜାଗ୍ରତ ହେଲା ତାହା ଠିକ୍ ଭାବେ ପ୍ରକାଶ କରି ପାରୁନାହିଁ । ସଂସ୍କୃତ ଭାଷାରେ ଯଥେଷ୍ଟ ଦକ୍ଷତା ନଥାଇ ଏପରି ଏକ କାର୍ଯ୍ୟରେ ହାତ ଦେବା ମୋ ପକ୍ଷରେ କେତେ ଦୂର ସମୀଚୀନ ହୋଇଛି ତାର ବିଚାର ପାଠକ ମାନଙ୍କ ଉପରେ ଛାଡ଼ି ଦେଉଛି ।

ସଂସ୍କୃତ ଭାଷାରେ ରଚିତ ଦୀର୍ଘ ସନ୍ଧି ଓ ସମାସ ନିଷ୍ପନ୍ନ ପଦ ଓ ଶବ୍ଦାଳଙ୍କାରରେ ସଜ୍ଜିତ ଏହି କାବ୍ୟର ଓଡ଼ିଆ ପଦ୍ୟାନୁବାଦ କରିବା ମୋ ପରି ଜଣେ ବ୍ୟକ୍ତି ପକ୍ଷରେ ନିଶ୍ଚିତ ଭାବେ ପ୍ରଗଲ୍ଭତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପୁରୁଣା ବହି ଗୁଡ଼ିକୁ ସଜାଡି ରଖୁଥିବା ସମୟରେ ହଠାତ୍ ଦୃଷ୍ଟି ପଡିଥିଲା ମେଘଦୂତର ପ୍ରଥମ ଭାଗ ପୂର୍ବମେଘ ବହି ଉପରେ । କଲେଜରେ ପଢିବା ସମୟରେ ସଂସ୍କୃତ ମୋର ଏକ ଇଚ୍ଛାଧୀନ ବିଷୟ ଥିଲା ଏବଂ ପୂର୍ବମେଘ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା । ବହିଟି ଖୋଲି କେତୋଟି ଶ୍ଳୋକ ଓ ତାର ବ୍ୟାଖ୍ୟା ଗୁଡ଼ିକୁ ପଢିବା ପରେ ଶ୍ଳୋକ ଗୁଡ଼ିକୁ ପଢିବାକୁ ଆଗ୍ରହ ବଢିଲା । ମନ ମଧ୍ୟରେ ଏକ ଇଚ୍ଛା ଶକ୍ତି ଉଦ୍ରେକ ହେଲା ଯେ ଏହାର ଓଡ଼ିଆ ପଦ୍ୟାନୁବାଦ ପାଇଁ ଉଦ୍ୟମ କଲେ କିପରି ହୁଅନ୍ତା । ଏହି କାବ୍ୟର ଓଡ଼ିଆ ପଦ୍ୟାନୁବାଦ ହୁଏତ ଆଗରୁ ଆଉ କେହି କରି ଥାଇପାରନ୍ତି ସେ ବିଷୟ ମୋର ଜ୍ଞାତସାରରେ ନଥିଲା । ତେବେ ଏପରି ଏକ ଅନମନୀୟ ଇଚ୍ଛା ଶକ୍ତିର ବଶବର୍ତ୍ତୀ ହୋଇ ମୁଁ ଏହି ପଦ୍ୟାନୁବାଦ କରିବାକୁ ଆରମ୍ଭ କଲି । ଏହି ଅନୁବାଦ ମହାକବିଙ୍କର ରଚିତ ଶ୍ଳୋକ ଗୁଡ଼ିକର ଆକ୍ଷରିକ ପଦ୍ୟାନୁବାଦ ନହେଲେ ବି ସେଗୁଡ଼ିକର ଅର୍ଥକୁ ଅକ୍ଷୁର୍ଣ୍ଣ ରଖାଯାଇଛି ଏବଂ ନିଜସ୍ୱ କୌଣସି କଳ୍ପନାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

Digitized by PPRACHIN, SOA

ପଦ୍ୟାନୁବାଦ ସୀମିତ ଅକ୍ଷର ମଧ୍ୟରେ କରିବାକୁ ପଡୁଥିବାରୁ ଉପଯୁକ୍ତ ଶବ୍ଦ ଚୟନ ନିଶ୍ଚିତ ରୂପେ ଏକ କଠିନ କାର୍ଯ୍ୟ । ତଥାପି ମୁଁ ମୋର ସୀମିତ ଜ୍ଞାନ ମଧ୍ୟରେ ଶ୍ଳୋକ ଗୁଡ଼ିକର ପଦ୍ୟାନୁବାଦ କରି ସେଗୁଡ଼ିକର ଅର୍ଥକୁ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରିଛି । ଏହି ଅନୁବାଦ ପାଇଁ ମୁଁ ଡକ୍ଟର ଶିବରମଣ ଶର୍ମାଙ୍କ ଦ୍ୱାରା ସମ୍ପାଦିତ ପୂର୍ବମେଘର ବ୍ୟାଖ୍ୟା ଓ ଟୀପ୍ପଣୀ ଓ ଉତ୍ତରମେଘ ପାଇଁ ପଣ୍ଡିତ ବୈଦ୍ୟନାଥ ଝାଙ୍କ ସମ୍ପାଦିତ ବ୍ୟାଖ୍ୟା ଓ ଟୀପ୍ପଣୀର ସାହାଯ୍ୟ ନେଇଛି । ଏଥିପାଇଁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଅନୁବାଦ ସମୟରେ ପ୍ରତ୍ୟହ ମୁଁ ଏହି ଅନୁବାଦକୁ ମୋର ଫେସ୍‌ବୁକ୍ ପୃଷ୍ଠାରେ ପୋଷ୍ଟ୍ କରିବା ଦ୍ୱାରା ମୋର ଅନେକ ବନ୍ଧୁ ଏହାକୁ ପଢି ମତେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଛନ୍ତି । ସେମାନଙ୍କର ପ୍ରେରଣା ଓ ଉତ୍ସାହ ମୋ ପାଇଁ କଠିନ ଥିବା ଏପରି ଏକ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ କରିପାରିଛି । ସେଥିପାଇଁ ମୁଁ ମୋର ସେଇ ବନ୍ଧୁମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଆଶା କରୁଛି କାବ୍ୟଟି ଓଡ଼ିଆରେ ଅନୁବାଦ ହୋଇଥିବାରୁ ଓଡ଼ିଆ ପାଠକମାନେ ଏହାକୁ ପଢି ମହାକବିଙ୍କର ଏହି ଅମରକୃତିର ସ୍ୱାଦ ଆସ୍ୱାଦନ କରିପାରିବେ । ଆଶା ରଖିବି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ।

ବାଉରିବନ୍ଧୁ ଲେଙ୍କା
୮୨୪୯୧୨୮୮୨୫

Digitized by PPRACHIN, SOA

Digitized by PPRACHIN, SOA

# ମେଘଦୂତ (ପୂର୍ବମେଘ)

॥ ୧ ॥

**କଶ୍ଚିତ୍ କାନ୍ତାବିରହଗୁରୁଣା ସ୍ୱାଧିକାରାତ୍ ପ୍ରମତ୍ତଃ**
**ଶାପେନାସ୍ତଙ୍ଗମିତମହିମା ବର୍ଷଭୋଗ୍ୟେଣ ଭର୍ତ୍ତୁଃ ।**
**ଯକ୍ଷଶ୍ଚକ୍ରେ ଜନକତନୟାସ୍ନାନପୁଣ୍ୟୋଦକେଷୁ**
**ସ୍ନିଗ୍ଧଚ୍ଛାୟାତରୁଷୁ ବସତିଂ ରାମଗିର୍ଯ୍ୟାଶ୍ରମେଷୁ ॥**

କର୍ତ୍ତବ୍ୟ ପାଳନ କାଳେ ଅବହେଳା ପାଇଁ
ପ୍ରଭୁ ଅଭିଶାପେ ନିଜ ସାମର୍ଥ୍ୟ ହରାଇ ।
ଯକ୍ଷ କେ ପତ୍ନୀ ବିରହେ ହୋଇଣ ଦୁଃଖିତ
ରାମଗିରିରେ ରହିଛି ବରଷେ ପର୍ଯ୍ୟନ୍ତ ।
ସୀତାସ୍ନାନ ପୁଣ୍ୟଜଳେ ସେ ଗିରି ପବିତ୍ର
ସ୍ନିଗ୍ଧଚ୍ଛାୟା ପ୍ରଦାୟିନୀ ତରୁରେ ଶୋଭିତ ॥

Digitized by PPRACHIN, SOA

ଠ॥ ୨ ॥ଠ

ତସ୍ମିନ୍ନଦ୍ରୌ କତିଚିଦବଲାବିପ୍ରଯୁକ୍ତଃ ସ କାମୀ
ନୀତ୍ୱା ମାସାନ୍ କନକବଳୟ ଭ୍ରଂଶରିକ୍ତପ୍ରକୋଷ୍ଠଃ ।
ଆଷାଢସ୍ୟ ପ୍ରଥମ ଦିବସେ ମେଘମାଶ୍ଳିଷ୍ଟସାନୁଂ
ବପ୍ରକ୍ରୀଡାପରିଣତଗଜପ୍ରେକ୍ଷଣୀୟଂ ଦଦର୍ଶ ॥

ପ୍ରିୟା ବିରହେ ଶରୀର ହୋଇଛି ତା କ୍ଷୀଣ
ଗଳି ପଡିଛି ହସ୍ତରୁ ସୁବର୍ଣ୍ଣ କଙ୍କଣ ।
ବିତାଇ ସେ କିଛି ମାସ ରାମଗିରି ପରେ
ଦେଖିଲା ପହିଲି ଦିନ ଆଷାଢ ମାସରେ ।
ଛୁଇଁଛନ୍ତି ମେଘମାଳା ପର୍ବତ ଶୃଙ୍ଗକୁ
ସତେକି ଗଜ ଦନ୍ତରେ ବିଦାରେ ଭୂଇଁକୁ ॥

Digitized by PPRACHIN, SOA

॥ ୩ ॥

**ତସ୍ୟ ସ୍ଥିତ୍ୱା କଥମପି ପୁରଃ କୌତୁକଧାନହେତୋ**
**ରନ୍ତର୍ବାଷ୍ପଶ୍ଚିରମନୁଚରୋ ରାଜରାଜସ୍ୟ ଦଧ୍ୟୌ ।**
**ମେଘାଲୋକେ ଭବତି ସୁଖିନୋପ୍ୟନ୍ୟଥାବୃତ୍ତି ଚେତଃ**
**କଣ୍ଠାଶ୍ଳେଷପ୍ରଣୟିନୀ ଜନେ କିଂ ପୁନର୍ଦ୍ଦୁରସଂସ୍ଥେ ॥**

ରାଜ ଅନୁଚର ଯକ୍ଷ କୌଣସି ଭାବରେ
ଉତ୍କଣ୍ଠା ଉତ୍ପନ୍ନକାରୀ ମେଘ ସମ୍ମୁଖରେ ।
ଅଶ୍ରୁଳ ନୟନେ ଚିନ୍ତେ ଦୀର୍ଘକାଳ ମନେ
ସୁଖୀଜନେ ବିଚଳିତ ମେଘ ଦରଶନେ ।
ଏ କାଳେ ଆଶ୍ଲେଷଦାୟୀ ପ୍ରିୟା ଯଦି ଦୂରେ
ବିଚଳିତ ପ୍ରିୟ ମନ କେ ବା ବୁଝିପାରେ ? ॥

Digitized by PPRACHIN, SOA

॥ ୪ ॥

ପ୍ରତ୍ୟାସନ୍ନେ ନଭସି ଦୟିତାଜୀବିତାଲମ୍ବନାର୍ଥୀ
ଜୀମୂତେନ ସ୍ୱକୁଶଳମୟୀଂ ହାରୟିଷ୍ୟେମ୍ ପ୍ରବୃତ୍ତିମ୍ ।
ସ ପ୍ରତ୍ୟଗ୍ରୈଃ କୁଟଜକୁସୁମୈଃ କଳ୍ପିତାର୍ଘାୟ ତସ୍ମୈ
ପ୍ରୀତଃ ପ୍ରୀତିପ୍ରମୁଖବଚନଂ ସ୍ୱାଗତଂ ବ୍ୟାଜହାର ॥

ଆସନ୍ନ ହୁଅନ୍ତେ ଧରାରେ ଶ୍ରାବଣ ମାସ
ପ୍ରିୟାପ୍ରାଣ ରକ୍ଷା ଅର୍ଥେ କୁଶଳ ସନ୍ଦେଶ ।
ମେଘ ଦ୍ୱାରା ପ୍ରିୟା ପାଶେ ପଠାଇବା ପାଇଁ
ମ୍ରିୟମାଣ ଯକ୍ଷ ମନ ମଧ୍ୟରେ ଚିନ୍ତଇ ।
ନବ ମଲ୍ଲିକା କୁସୁମ ଦେଇ ଉପହାର
ସସ୍ନେହେ ସ୍ୱାଗତ ଗୀତ ଗାଏ ସେ ମେଘର ॥

Digitized by PPRACHIN, SOA

୦॥ ୫ ॥୦

ଧୂମଜ୍ୟୋତିଃସଲିଳମରୁତାଂ ସନ୍ନିପାତଃ କ୍ୱ ମେଘଃ
ସନ୍ଦେସାର୍ଥାଃ କ୍ୱ ପଟୁ କରଣୈଃ ପ୍ରାଣଭିଃ ପ୍ରାପଣୀୟାଃ ।
ଇତ୍ୟୌତ୍ସୁକ୍ୟାଦପରିଗଣୟନ ଗୁହ୍ୟକରତଂ ଯଯାଚେ
କାମାର୍ତ୍ତା ହି ପ୍ରକୃତି କୃପଣାଶ୍ଚେତନାଚେତନେଷୁ ॥

କାହିଁ ଧୂମ ଆଦି ସମ୍ମିଶ୍ରିତ ଜଡ ମେଘ
କାହିଁ ପୁରୁଷ ସନ୍ଦେଶ ପ୍ରେଷଣର ଯୋଗ୍ୟ ।
ଉତ୍ସୁକତା ବଶ ନ ବିଚାରି ଏହା ଯକ୍ଷ
କହେ ମେଘକୁ ହେବାକୁ ସନ୍ଦେଶ ବାହକ ।
କାମାତୁର ଜନ ସ୍ୱଭାବେ ବିବେକହୀନ
ଜାଣି ପାରେନା ସେ କିଏ ଜଡ କେ ଚେତନ ॥

Digitized by PPRACHIN, SOA

॥ ୬ ॥

ଜାତଂ ବଂଶେ ଭୁବନେବିଦିତେ ପୁଷ୍କରାବର୍ତ୍ତକାନାଂ
ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ ।
ତେନାର୍ଥିତ୍ୱଂ ତ୍ୱୟି ବିଧିବଶାଦ୍ ଦୂରବନ୍ଧୁର୍ଗତୋହଂ
ଯାଚ୍ଞା ମୋଘା ବରମଧିଗୁଣେ ନାଧମେ ଲବ୍ଧକାମା ॥

ପୁଷ୍କରାବର୍ତ୍ତକ ତୁମେ ଭୁବନ ବିଦିତ
ଇଚ୍ଛାରୂପୀ ତୁମେ ଇନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ।
ଦୁର୍ଭାଗ୍ୟରୁ ପ୍ରିୟାଠାରୁ ହୋଇ ମୁଁ ବିଯୁକ୍ତ
ଯାଚନା ନିମିତ୍ତ ତୁମେ ପାଶେ ଉପଗତ ।
ନିଷ୍ଫଳ ଯାଚନା ଗୁଣୀ ଜନେ ବରଂ ଶ୍ରେୟ
ସଫଳ ଭିକ୍ଷା ଦୁର୍ଜନେ ନୁହେଁ ବାଞ୍ଛନୀୟ ॥

Digitized by PPRACHIN, SOA

ଌ ॥ ୭ ॥ ଌ

**ସନ୍ତପ୍ତାନାଂ ତ୍ୱମସି ଶରଣଂ ତତ୍ ପୟୋଦା ପ୍ରିୟାୟାଃ**
**ସନ୍ଦେଶଂ ମେ ହର ଧନପତିକ୍ରୋଧବିଶ୍ଲେଷିତସ୍ୟ ।**
**ଗନ୍ତବ୍ୟାତେ ବସତିରଳକା ନାମ ଯକ୍ଷଶ୍ୱରାଣାଂ**
**ବାହ୍ୟୋଦ୍ୟାନସ୍ଥିତହରିଶିରଶ୍ଚନ୍ଦ୍ରିକାଧୌତହର୍ମ୍ୟା ॥**

ହେ ! ଜଳଦ ତୁମେ ନିର୍ବାସିତର ଶରଣ
କୁବେର କ୍ରୋଧେ ବିରହେ ବିତାଏ ଜୀବନ ।
ପ୍ରିୟା ପାଶେ ନିଅ ବାର୍ତ୍ତା ନକରିଣ ଡେରି
ପହଞ୍ଚିବ ଯକ୍ଷସ୍ଥାନ ସେ ଅଳକାପୁରୀ ।
ଯେଉଁଠି ପ୍ରାସାଦମାନ–ଉଦ୍ୟାନରେ ସ୍ଥିତ
ଶିବଙ୍କ ମସ୍ତକ ଚନ୍ଦ୍ର ଯୋଛନାରେ ଧୌତ ॥

Digitized by PPRACHIN, SOA

॥ ୮ ॥

ତ୍ୱମାରୁଢଂ ପବନପଦବୀମୁଦ୍ଗୃହୀତାଳକାନ୍ତାଃ
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସତ୍ୟଃ ।
କଃ ସନ୍ନଦ୍ଧେ ବିରହବିଧୁରାଂ ତ୍ୱୟ୍ୟୁପେକ୍ଷତେ ଜାୟାଂ
ନ ସ୍ୟାଦନ୍ୟୋପ୍ୟହମିବ ଜନୋ ଯଃ ପରାଧୀନବୃତ୍ତିଃ ॥

ଆକାଶରେ ଉଡି ଯେବେ କରିବ ଗମନ
ଉତ୍କଣ୍ଠା ବଶ ଦେଖିବେ ବିରହିଣୀ ଗଣ ।
ଉଡି ଉଡି ଯେବେ ତୁମେ ଆସିବ ପାଖକୁ
ଆଶ୍ୱସ୍ତ ହେବେ ସେ ପ୍ରିୟ ଫେରିବେ ଘରକୁ ।
ବିରହୀ ପ୍ରିୟାର ମନ ଭାଙ୍ଗେନା ସେ ଜନ
ନୁହଁଇ ଯିଏ ମୋ ପରି ଅନ୍ୟର ଅଧୀନ ॥

Digitized by PPRACHIN, SOA

ᔕ ॥ ୯ ॥ ᔓ

**ତାଂଚାବଶ୍ୟଂ ଦିବସଗଣନା ତତ୍ପରାମେକପତ୍ନୀ–**
**ମବ୍ୟାପନ୍ନାମବିହତଗତିର୍ଦ୍ରକ୍ଷ୍ୟସି ଭ୍ରାତୃଜାୟାମ୍ ।**
**ଆଶାବନ୍ଧଃ କୁସୁମସଦୃଶଂ ପ୍ରାୟଶୋ ହ୍ୟଙ୍ଗନାନାଂ**
**ସଦ୍ୟଃ ପାତି ପ୍ରଣୟି ହୃଦୟଂ ବିପ୍ରୟୋଗେ ରଣାଦ୍ଧି ॥**

ଉଡି ଉଡି ଯଦି ବିନା ଗତି ରୋଧେ ଯିବ
ଭ୍ରାତୃପତ୍ନୀକୁ ଜୀବିତ ଅବଶ୍ୟ ପାଇବ ।
ବିରହୀ ପ୍ରାଣ କୋମଳ କୁସୁମ ସମାନ
ମଉଳେ ଶୀଘ୍ର ଆଘାତ ପାଇଲେ ସାମାନ୍ୟ ।
ପ୍ରିୟ ଆଗମନ ବାର୍ତ୍ତା ଆଶାର ବନ୍ଧନ
ବିରହିଣୀ ପ୍ରାଣେ ଜାଗେ ବଞ୍ଚିବାର ସ୍ୱପ୍ନ ॥



Digitized by PPRACHIN, SOA

ᔕ ॥ ୧୦ ॥ ᔓ

ମନ୍ଦଂ ମନ୍ଦଂ ନୁଦତି ପବନଶ୍ଚାନୁକୂଳୋ ଯଥା ତ୍ୱାଂ
ବାମଶ୍ଚାୟଂ ନଦତି ମଧୁରଂ ଚାତକସ୍ତେ ସଗନ୍ଧଃ ।
ଗର୍ଭାଧାନକ୍ଷଣେପରିଚୟାନ୍ନୁନମାବଦ୍ଧମାଳାଃ
ସେବିଷ୍ୟନ୍ତେ ନୟନସୁଭଗଂ ଖେ ଭବନ୍ତଂ ବଳାକାଃ ॥

ଅନୁକୂଳ ମନ୍ଦ ମନ୍ଦ ବହୁଛି ପବନ
ଉଡାଇ ନେବ ତୁମକୁ ସେ ବାଞ୍ଛିତ ସ୍ଥାନ ।
ବାମ ପାର୍ଶ୍ୱେ ତୁମ ସଗର୍ବେ ଚାତକ ମାନେ
ଗାଉ ଅଛନ୍ତି ସଂଗୀତ ସୁମଧୁର ତାନେ ।
ଗର୍ଭ ସୁଖ କାଳ ଜାଣିଣ ବଳାକାଗଣ
ସୁଦୃଶ୍ୟ ପଂକ୍ତିରେ ନଭେ ହେବେ ସନ୍ନିଧାନ ॥

Digitized by PPRACHIN, SOA

॥ ୧୧ ॥

କର୍ତ୍ତୁଂ ଯଚ୍ଚ ପ୍ରଭବତି ମହୀମୁଚ୍ଛିଲୀନ୍ଧ୍ରାମବନ୍ଧ୍ୟାଂ
ତଚ୍ଛ୍ରୁତ୍ୱା ତେ ଶ୍ରବଣସୁଭଗଂ ଗର୍ଜିତଂ ମାନସୋତ୍କାଃ ।
ଆକୈଳାଶାଦ୍ ବିସକିସଳୟଚ୍ଛେଦପାଥେୟବନ୍ତଃ
ସଂପତ୍ସ୍ୟନ୍ତେ ନଭସି ଭବତୋ ରାଜହଂସାଃ ସହାୟାଃ ॥

ଉତ୍ପାଦନ କ୍ଷମ ତୁମେ କରାଅ ମହୀକୁ
ଶ୍ରବଣ ମଧୁର ଶୁଣି ତୁମ ଗର୍ଜନକୁ ।
ମାନସରୋବର ଯାତ୍ରୀ ରାଜହଂସମାନେ
ପଦ୍ମ ନାଡକୁ ପାଥେୟ ରୂପେ ଧରି ତୁଣ୍ଡେ ।
କୈଳାସ ପର୍ବତ ଯାଏ ହେବେ ସହଯାତ୍ରୀ
ସୁଖ ହୋଇବ ଯାତ୍ରା ପାଇ ସଂଗେ ସାଥୀ ॥

Digitized by PPRACHIN, SOA

॥ ୧୨ ॥

ଆପୃଚ୍ଛସ୍ୱ ପ୍ରିୟସଖମମୁଂ ତୁଙ୍ଗମାଶ୍ଲିଙ୍ଗ୍ୟଶୈଳଂ
ବନ୍ଦ୍ୟୈଃ ପୁଂସା ରଘୁପତିପଦୈରଙ୍କିତଂ ମେଖଳାସୁ ।
କାଳେକାଳେଭବତି ଭବତୋ ଯସ୍ୟ ସଂଯୋଗମେତ୍ୟ
ସ୍ନେହବ୍ୟକ୍ତିଶ୍ଚିରବିରହଜଂ ମୁଞ୍ଚତୋ ବାଷ୍ପମୁଷ୍ଣମ୍ ॥

କାଳେ କାଳେ ପାଇ ଯିଏ ତୁମରି ପରଶ
ଢାଳି ବିରହାଶ୍ରୁ ସ୍ନେହ କରଇ ପ୍ରକାଶ ।
ଜନ ବନ୍ଦିତ ଶ୍ରୀରାମ ପଦ ଚିହ୍ନ ଯାର
ମେଖଳାରେ ଅଙ୍କା ହୋଇଅଛି ବାରମ୍ବାର ।
ସେ ପ୍ରିୟ ମିତ୍ର ଗିରିକୁ କରି ଆଲିଙ୍ଗନ
ବିଦାୟ ନିଅ ତା ଠାରୁ ଯାଇ ସନ୍ନିଧାନ ॥

Digitized by PPRACHIN, SOA

॥ ୧୩ ॥

**ମାର୍ଗଂ ତାବଚ୍ଛୃଣୁ କଥୟତସ୍ତ୍ୱତ୍ପ୍ରୟାଣାନୁରୂପଂ**
**ସନ୍ଦେଶଂ ମେ ତଦନୁ ଜଳଦ ଶ୍ରୋଷ୍ୟସି ଶ୍ରୋତ୍ରପେୟମ୍ ।**
**ଖିନ୍ନଃ ଖିନ୍ନଃ ଶିଖରିଷୁ ପଦଂ ନ୍ୟସ୍ୟ ଗନ୍ତାସି ଯତ୍ର**
**କ୍ଷୀଣଃ କ୍ଷୀଣଃ ପରିଲଘୁ ପୟଃ ସ୍ରୋତସାଂ ଚୋପଭୁଜ୍ୟ ॥**

ହେ ! ମେଘ ପ୍ରଥମେ ଶୁଣ ଗମନର ମାର୍ଗ
ଯେ ମାର୍ଗେ ବିଶ୍ରାମ ପାଇଁ ଅଛି ଗିରି ଶୃଙ୍ଗ ।
ବିଶ୍ରାମ କାରଣୁ କ୍ଷୀଣ ହୋଇଲେ ଶରୀର
ପଥେ ନଦୀ ଜଳ ପିଇ ହେବ ଅଗ୍ରସର ।
ଏହାପରେ ଶୁଣାଇବି ତୁମକୁ ସନ୍ଦେଶ
ଶ୍ରବଣ ସୁଖଦ ଯାହା କରେ ମନ ତୋଷ ॥

Digitized by PPRACHIN, SOA

## ○ ॥ ୧୪ ॥ ○

**ଅଦ୍ରେଃ ଶୃଙ୍ଗଂ ହରତି ପବନଃ କିଂସ୍ୱିଦିତ୍ୟୁନ୍ମୁଖୀଭି-**
**ର୍ଦୃଷ୍ଟୋତ୍ସାହଶ୍ଚକିତଚକିତଂ ମୁଗ୍ଧସିଦ୍ଧାଙ୍ଗନାଭିଃ ।**
**ସ୍ଥାନାଦସ୍ମାତ୍ ସରସନିଚୁଲାଦୁତ୍ପତୋଦଙ୍ମୁଖଃ ଖଂ**
**ଦିଙ୍ ନାଗାନାଂ ପଥି ପରିହରନ ସ୍ଥୂଳହସ୍ତାବଲେପାନ୍ ॥**

ଗିରି ଶୃଙ୍ଗକୁ କି ବାୟୁ ହେଉଛି ଉଡାଇ
ଚକିତେ ଦେଖନ୍ତି ସିଦ୍ଧାଙ୍ଗନା ଉର୍ଦ୍ଧ୍ୱେ ଚାହିଁ ।
''ସରସ ବେତ'' ସେ ସ୍ଥାନ ନାମ ଯେ ଅଟଇ
ସେ ସ୍ଥାନୁ ଚଳିବ ଉତ୍ତରାଶା ମୁଖ ହୋଇ ।
ପଥେ ଦିଗ ଗଜଙ୍କର ଶୁଣ୍ଢ ପ୍ରହାରକୁ
ଏଡି ଚଳିଯିବ ତୁମେ ଅଳକାପୁରୀକୁ ॥

Digitized by PPRACHIN, SOA

॥ ୧୫ ॥

**ରତ୍ନଚ୍ଛାୟାବ୍ୟତିକର ଇବ ପ୍ରେକ୍ଷ୍ୟମେତତ୍ ପୁରସ୍ତା–**
**ଦ୍ୱଲ୍ମୀକାଗ୍ରାତ୍ ପ୍ରଭବତି ଧନୁଃ ଖଣ୍ଡମାଖଣ୍ଡଳସ୍ୟ ।**
**ଯେନ ଶ୍ୟାମଂ ବପୁରତିତରାଂ କାନ୍ତିମାପତ୍ସ୍ୟତେ ତେ**
**ବର୍ହେଣେବ ସ୍ଫୁରିତରଚିନା ଗୋପ ବେଶସ୍ୟ ବିଷ୍ଣୋଃ ॥**

ରତ୍ନପ୍ରଭା ସମିଶ୍ରିତ ଇନ୍ଦ୍ରଧନୁ ଏକ
ସମ୍ମୁଖ ଆକାଶେ ତୁମ ହେଉଛି ଉଦ୍ରେକ ।
ଯ ଦ୍ୱାରା ତୁମର ଏହି ଶ୍ୟାମଳ ଶରୀର
ଶିଖି ପୁଚ୍ଛ କାନ୍ତି ସମ ଦିଶିବ ସୁନ୍ଦର ।
ଭଗବାନ ବିଷ୍ଣୁଙ୍କର କୃଷ୍ଣ ବେଶ ପରି
ଶୋଭା ପାଇବ ସକଳ ମନ ନେବ ହରି ॥

Digitized by PPRACHIN, SOA

॥ ୧୬ ॥

ତ୍ୱୟ୍ୟାୟତ୍ତଂ କୃଷିଫଳମିତି ଭ୍ରୁବିଳାସାନଭିଜ୍ଞୈଃ
ପ୍ରୀତିସ୍ନିଗ୍ଧୈର୍ଜନପଦବଧୂ-ଲୋଚନୈଃ ପୀୟମାନଃ ।
ସଦ୍ୟଃ ସୀରୋକ୍ରଷଣସୁରଭି କ୍ଷେତ୍ରମାରୁହ୍ୟ ମାଳଂ
କିଞ୍ଚିତ୍ ପଶ୍ଚାଦ୍ ବ୍ରଜ ଲଘୁଗତି ର୍ଭୂୟ ଏବୋତ୍ତରେଣ ॥

କୃଷି ଉତ୍ପାଦନ ଅଟେ ତୁମର ଅଧୀନ
ସେ ହେତୁ ଗ୍ରାମର ସ୍ନେହମୟୀ ନାରୀଗଣ ।
ଚାହିଁବେ ତୁମକୁ ନିର୍ନିମେଷ ନୟନରେ
ଉଡିଯିବ ତୁମେ ମାଳ ରାଜ୍ୟ ଆକାଶରେ ।
ତତ୍ପରେ ପଶ୍ଚିମ ଦିଗେ କିଛି ପଥ ଯାଇ
ଉତ୍ତର ଦିଗେ ଚଳିବ କ୍ଷୀଣ ଗତି ହୋଇ ॥

Digitized by PPRACHIN, SOA

॥ ୧୭ ॥

ତ୍ୱାମାସାରପ୍ରଶମିତବନୋପପ୍ଲବଂ ସାଧୁ ମୂର୍ଦ୍ଧ୍ନା
ବକ୍ଷ୍ୟତ୍ୟଧ୍ୱଶ୍ରମପରିଗତଂ ସାନୁମାନାମ୍ରକୂଟଃ ।
ନ କ୍ଷୁଦ୍ରୋପି ପ୍ରଥମସୁକୃତାପେକ୍ଷୟା ସଂଶ୍ରୟାୟ
ପ୍ରାପ୍ତେ ମିତ୍ର ଭବତି ବିମୁଖଃ କିଂ ପୁନର୍ଯସ୍ତଥୋଚୈଃ ॥

ବର୍ଷାଜଳେ ବନ ଅଗ୍ନି କରି ନିର୍ବାପିତ
ପଥଶ୍ରମ ଜନିତ ଶରୀର ତୁମ କ୍ଳାନ୍ତ ।
ଏପରି ମିତ୍ରକୁ ପାଇ ଗିରି ଆମ୍ରକୁଟ
ମସ୍ତକେ ଆଶ୍ରୟ ଦେବ ହୋଇଣ ସନ୍ତୁଷ୍ଟ ।
ନୀଚ ଲୋକ ବି ଆଶ୍ରୟ ଦିଏ ମିତ୍ର ଜନେ
ଉଚ୍ଚ ଆମ୍ରକୁଟ ହେବ ବିମୁଖ କେସନେ ॥

Digitized by PPRACHIN, SOA

॥ ୧୮ ॥

**ଛନ୍ନୋପାନ୍ତଃ ପରିଣତଫଳ ଦ୍ୟୋତିଭିଃ କାନନାମ୍ରୈ-**
**ସ୍ତ୍ୱୟ୍ୟାରୁଢେ ଶିଖରମଚଳଃ ସ୍ନିଗ୍ଧବେଣୀସବର୍ଣ୍ଣେ ।**
**ନୂନଂ ଯାସ୍ୟତ୍ୟମରମିଥୁନପ୍ରେକ୍ଷଣୀୟାମବସ୍ଥାଂ**
**ମଧ୍ୟେ ଶ୍ୟାମଃ ସ୍ତନ ଇବ ଭୁବଃ ଶେଷବିସ୍ତାରପାଣ୍ଡୁଃ ॥**

ପର୍ବତ ଶୀର୍ଷେ ଆଶ୍ରିତ କୃଷ୍ଣ ବର୍ଣ୍ଣ ମେଘ
ପକ୍ୱ ଆମ୍ର ଫଳେ ଆଚ୍ଛାଦିତ ପାର୍ଶ୍ୱଭାଗ ।
ପାର୍ଶ୍ୱଭାଗ ପୀତ ବର୍ଣ୍ଣ ମଧ୍ୟେ କୃଷ୍ଣ ଚିହ୍ନ
ପୃଥିବୀ ରାଣୀର ସ୍ତନ ପ୍ରାୟ ଦୃଶ୍ୟମାନ ।
ଦେବ ଦମ୍ପତି ମିଳନ ପ୍ରାୟ ଏହି ଦୃଶ୍ୟ
ଦର୍ଶନେ ସନ୍ତୋଷ ମନ ହୋଇବ ଅବଶ୍ୟ ॥

Digitized by PPRACHIN, SOA

## ॥ ୧୮ ॥ (କ)

ଅଧ୍ୱକ୍ଲାନ୍ତଂ ପ୍ରତିମୁଖଗତଃ ସାନୁମାନାମ୍ରକୂଟ-
ସ୍ତୁଙ୍ଗେନ ତ୍ୱାଂ ଜଳଦ ! ସିରସା ବକ୍ଷତି ଶ୍ଲାଘମାନଃ ।
ଆସାରେଣ ତ୍ୱମପି ଶମୟେସ୍ତସ୍ୟ ନୈଦାଘମଗ୍ନିଂ
ସଦ୍ଭାବାର୍ଦ୍ରଃ ଫଳତି ନ ଚିରେଣୋପକାରୋ ମହତ୍ସୁ ॥

ପଥ ଶ୍ରାନ୍ତ ହୋଇ ଆମ୍ରକୂଟର ଅଗ୍ରତେ
ପହଞ୍ଚନ୍ତେ ସ୍ୱାଗତ ସେ କରିବ ତୁରିତେ ।
ସାଦରେ ଆଶ୍ରୟ ଦେବ ନିଜ ମସ୍ତକରେ
ଶାନ୍ତ କରିବ ତୁମେ ତା ଗ୍ରୀଷ୍ମାଗ୍ନି ସତ୍ୱରେ ।
ମହତ ବ୍ୟକ୍ତିଙ୍କର ଯେ ଉପକାର କରେ
ମହତ ଫଳ ପ୍ରାପତ ହୁଅଇ ଅଚିରେ ॥

Digitized by PPRACHIN, SOA

॥ ୧୯ ॥

ସ୍ଥିତ୍ୱା ତସ୍ମିନ୍ ବନଚରବଧୂଭୁକ୍ତକୁଞ୍ଜେ ମୁହୂର୍ତ୍ତଂ
ତ୍ୱୟୋତ୍ସର୍ଗଦ୍ରୁତତରଗତିସ୍ତତ୍ପରଂ ବର୍ତ୍ମ ତୀର୍ଣ୍ଣଃ ।
ରେବାଂ ଦ୍ରକ୍ଷ୍ୟସ୍ୟୁପଳବିଷମେ ବିନ୍ଧ୍ୟପାଦେ ବିଶୀର୍ଣ୍ଣାଂ
ଭକ୍ତିଚ୍ଛେଦୈରିବ ବିରଚିତାଂ ଭୂତିମଙ୍ଗେ ଗଜସ୍ୟ ॥

ବନଚର ବଧୂଭୁକ୍ତ କୁଞ୍ଜ ଯହିଁ ସ୍ଥିତ
ଏପରି ସ୍ଥାନ ସେ ଆମ୍ରକୁଟ ପରବତ ।
ଅଳ୍ପ କ୍ଷଣ ବର୍ଷି କରି ଯିବ ଦ୍ରୁତ ବେଗେ
ଭେଟିବ ନର୍ମଦା ନଦୀ ବିନ୍ଧ୍ୟ ନିମ୍ନଭାଗେ ।
ଉପଳ ଖଣ୍ଡେ ବିଷମ ନର୍ମଦାର ଶଯ୍ୟା
ଲାଗେ ହସ୍ତୀ ଅଙ୍ଗେ ସତେ ରେଖାଚିତ୍ର ସଜ୍ଜା ॥

Digitized by PPRACHIN, SOA

ൟ ॥ ୨୦ ॥ ൟ

ତସ୍ୟାସ୍ତିକ୍ତୈର୍ବନଗଜମଦୈର୍ବାସିତଂ ବାନ୍ତବୃଷ୍ଟି-
ର୍ଜମ୍ବୁକୁଞ୍ଜପ୍ରତିହତରୟଂ ତ୍ୱୟମାଦାୟ ଗଚ୍ଛେଃ ।
ଅନ୍ତଃସାରଂ ଘନ ! ତୁଳୟିତୁଂ ନାନିଳଃ ଶକ୍ଷ୍ୟତି ତ୍ୱାଂ
ରିକ୍ତଃ ସର୍ବୋ ଭବତି ହି ଲଘୁଃ ପୂର୍ଣ୍ଣତା ଗୌରବାୟ ॥

ବନଗଜ ମଦେ ସୁବାସିତ ରେବା ନୀର
ସେଇ ନୀର ପାନ କରି ହେବ ଅଗ୍ରସର ।
ନୀର ପାନ ହେତୁ ଗୁରୁ ହୋଇବ ଶରୀର
ପାରିବନି ଇତସ୍ତତଃ ଉଡାଇ ସମୀର ।
ଅନ୍ତଃସାର ଶୂନ୍ୟ ବସ୍ତୁ ଲଘୁ ତା ଓଜନ
ପୂର୍ଣ୍ଣତା ବସ୍ତୁକୁ ଦିଏ ଗୌରବ ସମ୍ମାନ ॥

Digitized by PPRACHIN, SOA

॥ ୨୧ ॥

ନୀପଂ ଦୃଷ୍ଟ୍ୱା ହରିତକପିଶଂ କେଶରୈରର୍ଧରୁଢୈ-
ରାବିର୍ଭୂତପ୍ରଥମମୁକୁଳାଃ  କନ୍ଦଳୀଶ୍ଚାନୁକଚ୍ଛମ୍ ।
ଜମ୍ବାରଣ୍ୟେଷ୍ୱଧିକସୁରଭିଂ ଗନ୍ଧମାଘ୍ରାୟ ଚୋର୍ବ୍ୟାଃ
ସାରଙ୍ଗସ୍ତେ ଜଳଲବମୁଚଃ ସୂଚୟିଷ୍ୟନ୍ତି ମାର୍ଗମ୍ ॥

ଅର୍ଦ୍ଧ ପ୍ରସ୍ଫୁଟିତ କଦମ୍ବ କେଶର ଦେଖି
ନବ ମୁକୁଳିତ କନ୍ଦଳୀ* ପୁଷ୍ପକୁ ଭକ୍ଷି ।
ସୁରଭିତ ବନଭୂମି ସୁଗନ୍ଧକୁ ସୁଙ୍ଘି
ଚଳନ୍ତି ଅଗ୍ରେ ଭ୍ରମର, ଗଜ ତଥା ମୃଗୀ ।
ବର୍ଷଣ ମୁଖର ତୁମ ଯିବା ପାଇଁ ପଥ
ସୂଚାଇ ଦେବେ ସେମାନେ ହେବନି ବିପଥ ॥

*କନ୍ଦଳୀ– ପାଣି କେନ୍ଦୁଲୀ ଫୁଲ

Digitized by PPRACHIN, SOA

ଓ ॥ ୨୨ ॥ ଓ

ଅମ୍ଭୋବିନ୍ଦୁଗ୍ରହଣଚତୁରାଂଶ୍ଚାତକାନ୍ ବୀକ୍ଷମାଣାଃ
ଶ୍ରେଣୀଭୂତାଃ ପରିଗଣନୟା ନିର୍ଦ୍ଦିଶନ୍ତୋ ବଳାକାଃ ।
ତ୍ୱାମାସାଦ୍ୟ ସ୍ତନିତସମୟେ ମାନୟିଷ୍ୟନ୍ତି ସିଦ୍ଧାଃ
ସୋତ୍କମ୍ପାନି ପ୍ରିୟସହଚରୀସମ୍ଭ୍ରମାଲିଙ୍ଗିତାନି ॥

ଦେଖି ବର୍ଷା ବିନ୍ଦୁଗ୍ରାହୀ କୁଶଳୀ ଚାତକେ
ଗଣୁ ଥିବେ ନଭେ ପଂକ୍ତିବଦ୍ଧ ବଳାହକେ ।
ଏ କାଳେ ସହସା ଶୁଣି ତୁମ ଗରଜନ
ଭୟେ ପ୍ରିୟାମାନେ ସ୍ୱତଃ ଦେବେ ଆଲିଙ୍ଗନ ।
ତୁମ କାରଣରୁ ପାଇ ପ୍ରିୟା ଆଲିଙ୍ଗନ
ପ୍ରିୟ ବ୍ୟକ୍ତିମାନେ କରିବେ ତୁମ ସମ୍ମାନ ॥

Digitized by PPRACHIN, SOA

॥ ୨୩ ॥

ଉତ୍ପଶ୍ୟାମି ଦ୍ରୁତମପି ସଖେ ! ମତ୍ପ୍ରିୟାର୍ଥଂ ଯିୟାସୋଃ
କାଳକ୍ଷେପଂ କକୁଭସୁରଭୌ ପର୍ବତେ ପର୍ବତେ ତେ ।
ଶୁକ୍ଲାପାଙ୍ଗୈଃ ସଜଳନୟନୈଃ ସ୍ୱାଗତୀକୃତ୍ୟ କେକାଃ
ପ୍ରତ୍ୟୁଦ୍ୱାତଃ କଥମପି ଭବାନ ଗନ୍ତୁମାଶୁ ବ୍ୟବସ୍ୟେତ୍ ॥

ମୋ ପ୍ରିୟା ନିମିତ୍ତ ଦ୍ରୁତ ପଦ ପାତ କରି
ଯିବା ପାଇଁ ଇଚ୍ଛା କଲେ ମଧ୍ୟ ହେବ ଡେରି ।
ପଥେ ପରବତ ପୁଷ୍ପେ ସୁରଭିତ ଶୃଙ୍ଗ
ରହି ପ୍ରତି ଶୃଙ୍ଗେ ଗଲେ ଧୀର ହେବ ବେଗ ।
ସଜଳ ନୟନେ ଗୀତ ଗାଇ ଶିଖିଗଣ
ସ୍ୱାଗତ କରିବେ ଜଣାଇ ଅଭିନନ୍ଦନ ॥

Digitized by PPRACHIN, SOA

॥ ୨୪ ॥

**ପାଣ୍ଡୁଚ୍ଛାୟୋପବନବୃତୟଃ କେତକୈଃ ସୂଚିଭିନ୍ନୈ-**
**ର୍ନୀଡାରମ୍ଭୈର୍ଗୃହବଳିଭୁଜାମାକୁଳଗ୍ରାମଚୈତ୍ୟାଃ ।**
**ତ୍ୱୟାସନ୍ନେ ପରିଣତଫଳ–ଶ୍ୟାମଜମ୍ବୁବନାନ୍ତାଃ**
**ସମ୍ପତ୍ସ୍ୟନ୍ତେ କତିପୟଦିନସ୍ଥାୟିହଂସାଃ ଦଶାର୍ଣାଃ ॥**

ଦଶାର୍ଣ୍ଣ ପ୍ରଦେଶ ପାଶେ ହେଲେ ଉପଗତ
କେତକୀ କଳି ସମୂହ ହେବେ ମୁକୁଳିତ ।
ପାଣ୍ଡୁର ବର୍ଣ୍ଣ ଦିଶିବ ବନ ଆବରଣ
କାକାଦି ପକ୍ଷୀଙ୍କ ନୀଡେ ବୃକ୍ଷ ହେବ ପୂର୍ଣ୍ଣ ।
ପକ୍ୱ ଜମ୍ବୁ ଫଳେ ଶ୍ୟାମ ହେବ ଜମ୍ବୁବନ
ନିବାସିବେ ରାଜହଂସେ ତହିଁ କିଛି ଦିନ ॥

Digitized by PPRACHIN, SOA

॥ ୨୫ ॥

ତେଷାଂ ଦିକ୍ଷୁ ପ୍ରଥିତବିଦିଶାଲକ୍ଷଣାଂ ରାଜଧାନୀଂ
ଗତ୍ୱା ସଦ୍ୟଃ ଫଳମବିକଳଂ କାମୁକତ୍ୱସ୍ୟ ଲବ୍ଧା ।
ତୀରୋପାନ୍ତସ୍ତନିତସୁଭଗଂ ପାସ୍ୟସି ସ୍ୱାଦୁ ଯସ୍ମାତ୍
ସଭ୍ରୂଭଙ୍ଗଂ ମୁଖମିବ ପୟୋ ବେତ୍ରବତ୍ୟାଶ୍ଚଳୋର୍ମି ॥

ଦଶାର୍ଣ୍ଣର ରାଜଧାନୀ ବିଦିଶା ନଗରୀ
ପହଞ୍ଚି ହେବ କାମୁକ ଗୁଣ ଅଧିକାରୀ ।
ଭ୍ରୂଭଙ୍ଗୀ ଯୁକ୍ତ ଲାବଣ୍ୟ ନାୟିକା ଆନନ
ପାନ କରଇ ଯେସନେ କାମାତୁର ଜନ ।
ତେସନେ ପିଇବ କରି ଗରଜନ ଘୋର
ଚଞ୍ଚଳ ତରଙ୍ଗ ଯୁକ୍ତ ବେତ୍ରବତୀ ନୀର ॥

Digitized by PPRACHIN, SOA

ଠ ॥ ୨୬ ॥ ଡ

ନିଚୈରାଖ୍ୟଂ ଗିରିମଧିବସେସ୍ତତ୍ର ବିଶ୍ରାମହେତୋ-
ସ୍ତ୍ୱତ୍ସମ୍ପର୍କାତ୍ ପୁଲକିତମିବ ପ୍ରୋଢପୁଷ୍ପୈଃ କଦମ୍ବୈଃ ।
ଯଃ ପଣ୍ୟସ୍ତ୍ରୀରତିପରିମଳୋଦ୍ଗାରିଭିର୍ନାଗରାଣା-
ମୁଦ୍ଦାମାନି ପ୍ରଥୟତି ଶିଳାବେଶ୍ମଭିର୍ଯୌବନାନି ॥

ତୁମ ପରଶେ କଦମ୍ବ ପୁଷ୍ପ ପ୍ରସ୍ଫୁଟିତ
ଦେଖି ତା ଉଚ୍ଚୈ* ଗିରି ହେବ ପୁଲକିତ ।
ରତିକ୍ରୀଡା ହେତୁ ସୁଗନ୍ଧିତ ଗିରି ଶୀଳା
ନଗ୍ରବାସୀଙ୍କ ଉତ୍କଟ ଯୌବନର ଲୀଳା ।
ପ୍ରକଟ କରଇ ଗିରି ଗୁମ୍ଫା ଶୀଳାମାନ
ରହି କିଛି କାଳ ସେଠୁ କରିବ ପ୍ରସ୍ଥାନ ॥

*ଉଚ୍ଚୈ- ଏକ ପର୍ବତର ନାମ

Digitized by PPRACHIN, SOA

ෆ ॥ ୨୭ ॥ ෆ

**ବିଶ୍ରାନ୍ତଃ ସନ୍ ବ୍ରଜ ବନନଦୀତୀରଜାତାନି ସିଞ୍ଚ–**
**ନ୍ନୁଦ୍ୟାନାନାଂ ନବଜଲକଣୈର୍ଯୂଥିକାଜାଲକାନି ।**
**ଗଣ୍ଡଖେଦାପନୟନରଜାକ୍ଲାନ୍ତକର୍ଣ୍ଣୋତ୍ପଳାନାଂ**
**ଛାୟାଦାନାତ୍ କ୍ଷଣପରିଚିତଃ ପୁଷ୍ପଲାବିମୁଖାନାମ୍ ॥**

ବନ ନଦୀ ତଟୋଦ୍ୟାନେ ଯୂଥିକା ସୁମନ
ନବୀନ ବର୍ଷା ବିନ୍ଦୁରେ କରିବ ସିଞ୍ଚନ ।
ମାଳିନୀ ମାନଙ୍କ ସ୍ୱେଦସିକ୍ତ ଗଣ୍ଡ ଦେଶ
ମାର୍ଜନେ କର୍ଣ୍ଣ ଉତ୍ପଳ ହୋଇବ ଅବଶ ।
ରହିଣ କିଛି ସମୟ କରି ଛାୟା ଦାନ
ପରିଚିତ ହୋଇ ସେଠୁ କରିବ ପ୍ରସ୍ଥାନ ॥

Digitized by PPRACHIN, SOA

ഗ ॥ ୨୮ ॥ ര

ବକ୍ରଃ ପନ୍ଥା ଯଦପି ଭବତଃ ପ୍ରସ୍ଥିତସ୍ୟୋତ୍ତରାଶାଂ
ସୌଧୋତ୍ସଙ୍ଗପ୍ରଣୟବିମୁଖୋ ମା ସ୍ମ ଭୂରୁଜ୍ଜୟିନ୍ୟାଃ ।
ବିଦ୍ୟୁଦ୍ଦାମସ୍ଫୁରିତଚକିତୈସ୍ତତ୍ର ପୌରାଙ୍ଗନାନାଂ
ଲୋଳାପାଙ୍ଗୈର୍ଯଦି ନ ରମସେ ଲୋଚନୈର୍ବଞ୍ଚିତୋସି ॥

ଉତ୍ତରାଶା ଗମନ ଯଦ୍ୟପି ବକ୍ରପଥ
ହର୍ମ୍ୟମୟୀ ଉଜ୍ଜୟିନୀ ହେବ ପରିଚିତ ।
ତୁମର ଗମନ କାଳେ ବିଦ୍ୟୁତ ସ୍ଫୁରଣେ
ଭୟଭୀତେ ଚାହିଁବେ ପୁର ଅଙ୍ଗନା ଗଣେ ।
ତାଙ୍କ ସେ ଚଞ୍ଚଳ ନେତ୍ର କଟାକ୍ଷ ମୁହୂର୍ତ୍ତ
ନଦେଖି ଗଲେ ସୁଖରୁ ହୋଇବ ବଞ୍ଚିତ ॥

Digitized by PPRACHIN, SOA

ം॥ ୨୯ ॥ം

ବୀଚିକ୍ଷୋଭସ୍ତନିତବିହଗଶ୍ରେଣିକାଞ୍ଚିଗୁଣାୟାଃ
ସଂସର୍ପନ୍ତ୍ୟାଃ ସ୍ଖଲିତସୁଭଗଂ ଦର୍ଶିତାବର୍ତନାଭେଃ ।
ନିର୍ବିନ୍ଧ୍ୟାୟୋଃ ପଥି ଭବ ରସାଭ୍ୟନ୍ତରଃ ସନ୍ନିପତ୍ୟ
ସ୍ତ୍ରୀଣାମାଦ୍ୟଂ ପ୍ରଣୟବଚନଂ ବିଭ୍ରମ ହି ପ୍ରିୟେଷୁ ॥

ତରଙ୍ଗରେ କଳରବେ ହଂସ ପଂକ୍ତିମାନ
ନିର୍ବିନ୍ଧ୍ୟା ନଦୀର ଅଙ୍ଗେ ମେଖଳା ସମାନ ।
ଉପଳେ ବାଧିତ ଗତି ଜଳାବର୍ତ୍ତମାନ
ସତେକି ପ୍ରେମିକାର ଏ ନାଭି ପ୍ରଦର୍ଶନ ।
ପ୍ରଥମ ପ୍ରଣୟ ଭାଷା ଅଙ୍ଗଭଙ୍ଗୀ ଭାବ
ପିଇ ତାର ଜଳ ରତି ସୁଖରେ ମୋହିବ ॥

Digitized by PPRACHIN, SOA

ഗ ॥ ୩୦ ॥ ၺ

ବେଣୀଭୂତପ୍ରତନୁସଲୀଳା ତାମତୀତସ୍ୟ ସିନ୍ଧୁଃ
ପାଣ୍ଡୁଛାୟା ତଟରୁହତରୁଭ୍ରଂଶିଭିର୍ଜୀର୍ଣ୍ଣପର୍ଣ୍ଣୈ ।
ସୌଭାଗ୍ୟ ତେ ସୁଭଗ ! ବିରହାବସ୍ଥୟା ବ୍ୟଞ୍ଜୟନ୍ତୀ
କାର୍ଶ୍ୟଂ ଯେନ ତ୍ୟଜତି ବିଧିନା ସ ତ୍ୱୟୈବୋପପାଦ୍ୟଃ ॥

କୃଶାଙ୍ଗୀ ସେ କାଳିସିନ୍ଧୁ ସ୍ୱଳ୍ପନୀରା ହୋଇ
ବେଣୀ ପ୍ରାୟ ଦିଶେ ଯାଏ ବିରହରେ ବହି ।
ତଟ ତରୁ ଜୀର୍ଣ୍ଣ ପତ୍ର ପାତେ ପାଣ୍ଡୁ ବର୍ଣ୍ଣ
ଦିଶଇ ଶରୀର ତାର ଅତି ଜୀର୍ଣ୍ଣ ଶୀର୍ଣ୍ଣ ।
ବିରହେ ରହି ବି ଚିନ୍ତେ ତୁମର ମଙ୍ଗଳ
ଜଳ ବୃଷ୍ଟି କରି ଦୂର କରିବ ଦୌର୍ବଲ୍ୟ ॥

Digitized by PPRACHIN, SOA

॥ ୩୧ ॥

ପ୍ରାପ୍ୟାବନ୍ତୀନୁଦୟନକଥାକୋବିଦଗ୍ରାମବୃଦ୍ଧାନ୍
ପୂର୍ବୋଦ୍ଦିଷ୍ଟାମୁପସର ପୁରୀଂ ଶ୍ରୀବିଶାଳାଂ ବିଶାଳାମ୍ ।
ସ୍ୱଳ୍ପୀଭୂତେ ସୁଚରିତଫଳେ ସ୍ୱର୍ଗିଣାଂ ଗାଂ ଗତାନାଂ
ଶେଷୈଃ ପୁଣ୍ୟୈର୍ହୃତମିବ ଦିବଃ କାନ୍ତିମତ୍ ଖଣ୍ଡମେକମ୍ ॥

ତତ୍ପରେ ଅବନ୍ତୀ ରାଜ୍ୟ କରିବ ଗମନ
ଉଦୟନ-କଥା ପ୍ରାଜ୍ଞ ରହନ୍ତି ସେ ସ୍ଥାନ ।
ସେଠାରୁ ଉଜ୍ଜୟିନୀକୁ କରିବ ପ୍ରସ୍ଥାନ
ଯେ ନଗରୀ ଅଟେ ସ୍ୱର୍ଗ ବୈଭବେ ସମ୍ପନ୍ନ ।
ସତେକି ସ୍ୱର୍ଗାଂଶ ଏକ ସ୍ୱର୍ଗବାସୀ ଧରି
ପୁଣ୍ୟ କ୍ଷୟ ହେତୁ ଆସିଛନ୍ତି ମର୍ତ୍ତ୍ୟ ଫେରି ॥

Digitized by PPRACHIN, SOA

୦ ॥ ୩୨ ॥ ୦

ଦୀର୍ଘୀକୁର୍ବନ୍ ପଟୁ ମଦକଳଂ କୂଜିତଂ ସାରସାନାଂ
ପ୍ରତ୍ୟୁଷେଷୁ ସ୍ଫୁଟିତକମଳା–ମୋଦମୈତ୍ରୀକଷାୟଃ ।
ଯତ୍ର ସ୍ତ୍ରୀଣାଂ ହରତି ସୁରତଗ୍ଲାନିମଙ୍ଗାନୁକୂଳଃ
ଶିପ୍ରାବାତଃ ପ୍ରିୟତମ ଇବ ପ୍ରାର୍ଥନାଚାଟୁକାରଃ ॥

ତହିଁ ପ୍ରଭାତେ ହଂସଙ୍କ ମଧୁର କୂଜନ
ପ୍ରସାରଣ କରିବାରେ ହୁଏ ଯେ କାରଣ ।
ପ୍ରସ୍ଫୁଟିତ ପଦ୍ମସ୍ପର୍ଶେ ହୋଇ ସୁରଭିତ
ଯାହାର ପରଶେ ଅଙ୍ଗ ହୁଏ ପୁଲକିତ ।
ଏପରି ଗୁଣ ସମ୍ପନ୍ନ ଶିପ୍ରା ସମୀରଣ
ପୁନଃ ରତି ପ୍ରାର୍ଥୀ ପ୍ରିୟ ବଚନ ସମାନ ॥

Digitized by PPRACHIN, SOA

ა ।। ୩୩ ।। ⌣

**ହାରାଂସ୍ତାରାଂସ୍ତରଳଗୁଟିକାନ୍ କୋଟିଶଃ ଶଙ୍ଖଶୁକ୍ତୀଃ**
**ଶଷ୍ପଶ୍ୟାମାନ୍ ମରକତମଣୀନୁନ୍ମୟୂଖପ୍ରରୋହାନ୍ ।**
**ଦୃଷ୍ଟ୍ୱା ଯସ୍ୟାଂ ବିପଣିରଚିତାନ୍ ବିଦ୍ରୁମାଣାଂ ଚ ଭଙ୍ଗାନ୍**
**ସଂଲକ୍ଷ୍ୟନ୍ତେ ସଲୀଳନିଧୟସ୍ତ୍ୱୟମାତ୍ରାବଶେଷାଃ ।।**

ସେ ନଗର ବିପଣିରେ ହୋଇଛି ସଜ୍ଜିତ
କୋଟୀ ବିଶୁଦ୍ଧ ହାର ମହାମଣି ଯୁକ୍ତ ।
ହରିତ୍ ବର୍ଣ୍ଣା ବହୁ ମରକତମଣି ତହିଁ
ଉଜ୍ଜ୍ୱଳ କିରଣ ସମ ଜ୍ୟୋତି ପ୍ରକାଶଇ ।
ଶଙ୍ଖ ଶୁକ୍ତି ସହିତ ପ୍ରବାଳ ଖଣ୍ଡ ଦେଖି
ଭାବିବ ସମୁଦ୍ରେ ଖାଲି ଜଳ ଅଛି ବାକି ।।

Digitized by PPRACHIN, SOA

∽ ॥ ୩୪ ॥ ∾

**ପ୍ରଦ୍ୟୋତସ୍ୟ ପ୍ରିୟଦୁହିତରଂ ବତ୍ସରାଜୋତ୍ର ଜହ୍ନେ**
**ହୈମଂ ତାଳଦ୍ରୁମବନମଭୂଦତ୍ର ତସ୍ୟୈବ ରାଜ୍ଞଃ ।**
**ଅତ୍ରୋଦ୍‌ଭ୍ରାନ୍ତଃ କିଳ ନଳଗିରିଃ ସ୍ତମ୍ଭମୁତ୍ପାଟ୍ୟ ଦର୍ପା–**
**ଦିତ୍ୟାଗନ୍ତୂନ୍ ରମୟତି ଜନୋ ଯତ୍ର ବନ୍ଧୂନଭିଜ୍ଞଃ ॥**

ସେ ନଗରେ ବତ୍ସଦେଶ ରାଜା ଉଦୟନ
କରିଥିଲେ ପ୍ରଦ୍ୟୋତଙ୍କ ପୁତ୍ରୀକୁ ହରଣ ।
ନଳଗିରି ନାମେ ହସ୍ତୀ ହୋଇ ମଦମତ୍ତ
ଉତ୍ପାଟନ କରି ସ୍ତମ୍ଭ ଭ୍ରମେ ଇତସ୍ତତଃ ।
ପ୍ରଦ୍ୟୋତଙ୍କ ଥିଲା ସେଠି ସ୍ୱର୍ଣ୍ଣ ତାଳବନ
ଏ ସବୁ ଶୁଣି ଅତିଥି ହୁଅନ୍ତି ପ୍ରସନ୍ନ ॥

Digitized by PPRACHIN, SOA

॥ ୩୫ ॥

**ପତ୍ରଶ୍ୟାମା ଦିନକରହୟ ସ୍ପର୍ଦ୍ଧିନୋ ଯତ୍ର ବାହାଃ**
**ଶୈଳୋଦଗ୍ରାସ୍ତ୍ୱମିବ କରିଣୋ ବୃଷ୍ଟିମନ୍ତଃ ପ୍ରଭେଦାତ୍ ।**
**ଯୋଧାଗ୍ରଣ୍ୟଃ ପ୍ରତିଦଶମୁଖଂ ସଂଯୁଗେ ତସ୍ଥିବାସଃ**
**ପ୍ରତ୍ୟାଦିଷ୍ଟାଭରଣରୁଚୟଚନ୍ଦ୍ରାହାସବ୍ରଣାଙ୍କୈଃ ॥**

ଅଶ୍ୱମାନେ ସୂର୍ଯ୍ୟାଶ୍ୱଙ୍କ ସମ ଗତି, ବର୍ଣ୍ଣେ
ହସ୍ତୀଙ୍କର ମଦସ୍ରାବ ବୃଷ୍ଟିପାତ ଯେହ୍ନେ ।
ଉଚ୍ଚତାରେ ହସ୍ତୀମାନେ ଶଇଳ ସମାନ
ଯୋଦ୍ଧାଶ୍ରେଷ୍ଠ ଯୁଦ୍ଧେ ସ୍ଥିର ପ୍ରାୟ ଦଶାନନ ।
ଶରୀରେ ଅଙ୍କିତ ଚନ୍ଦ୍ରହାସ କ୍ଷତଚିହ୍ନ
ତେଣୁ ତ୍ୟାଗ କରିଛନ୍ତି ଅଙ୍ଗ ଆଭୂଷଣ ॥

Digitized by PPRACHIN, SOA

ഗ ॥ ୩୬ ॥ ല

ଜାଲୋଦ୍ଗୀର୍ଣ୍ଣୈରୁପଚିତବପୁଃ କେଶସଂସ୍କାରଧୂପୈ-
ର୍ବନ୍ଧୁପ୍ରୀତ୍ୟା ଭବନଶିଖିଭିର୍ଦତ୍ତନୃତ୍ୟୋପହାରଃ ।
ହର୍ମ୍ୟେଷ୍ୱସ୍ୟାଃ କୁସୁମସୁରଭିଷ୍ୱଧ୍ୱଖେଦଂ ନୟେଥା
ଲକ୍ଷ୍ମୀ ପଶ୍ୟଂଲ୍ଲଳିତବନିତାପାଦରାଗାଙ୍କିତେଷୁ ॥

ଗବାକ୍ଷୁ ନିର୍ଗତ କେଶଧୂପେ ସୁଗନ୍ଧିତ
ଖୁସି ହେବ ଦେଖି ବନ୍ଧୁ ମୟୂରଙ୍କ ନୃତ୍ୟ ।
ସୁମନ ସୁଗନ୍ଧେ ସୁରଭିତ ହର୍ମ୍ୟମାନ
ଅଙ୍କିତ ଯହିଁ କାମିନୀ ପାଦରାଗ ଚିହ୍ନ ।
ଏମନ୍ତ ଉଜ୍ଜୟିନୀର ଶୋଭା ଦରଶନେ
ପଥଶ୍ରମ କ୍ଲାନ୍ତି ଦୂର ହୋଇବ ତତ୍କ୍ଷଣେ ॥

Digitized by PPRACHIN, SOA

॥ ୩୭ ॥

ଭର୍ତୁଃ କଣ୍ଠଚ୍ଛବିରିତି ଗଣୈଃ ସାଦରଂ ବୀକ୍ଷମାଣଃ
ପୁଣ୍ୟଂ ଯାୟାସ୍ତ୍ରିଭୁବନଗୁରୋର୍ଧାମ ଚଣ୍ଡୀଶ୍ୱରସ୍ୟ ।
ଧୂତୋଦ୍ୟାନଂ କୁବଳୟରଜୋଗନ୍ଧିଭିର୍ଗନ୍ଧବତ୍ୟା–
ସ୍ତୋୟକ୍ରୀଡ଼ାନିରତଯୁବତିସ୍ନାନତିକ୍ତୈର୍ମରୁଭିଃ ॥

ଆଦରେ ଶିବଙ୍କ ଗଣ କରିବେ ଦର୍ଶନ
ମହାକାଳ ଧାମ ହେବ ତପ୍ରେ ଦର୍ଶନ ।
ଯେ ଧାମେ ପଦ୍ମ ପରାଗେ ହୋଇ ସୁରଭିତ
ଯୁବତୀଙ୍କ ସ୍ନାନେ ତ୍ୟକ୍ତ ସୁଗନ୍ଧେ ବାସିତ ।
ହୋଇ ବହେ ଗନ୍ଧବତୀ ନଦୀର ପବନ
ସେ ପବନେ ପୂର୍ଣ୍ଣ ତହିଁ ସମସ୍ତ ଉଦ୍ୟାନ ॥

Digitized by PPRACHIN, SOA

ଌ ।। ୩୮ ।। ଌ

**ଅପ୍ୟନ୍ୟସ୍ମିଞ୍ଜଳଧର ! ମହାକାଳ ମାସାଦ୍ୟ କାଳେ**
**ସ୍ଥାତବ୍ୟଂ ତେ ନୟନବିଷୟଂ ଯାବଦତ୍ୟେତି ଭାନୁଃ ।**
**କୁର୍ବନ୍ ସନ୍ଧ୍ୟାବଳିପଦହତାଂ ଶୂଳିନଃ ଶ୍ଳାଘନୀୟା**
**ମାମନ୍ଦ୍ରଣାଂ ଫଳମବିକଳଂ ଲପସ୍ୟସେ ଗର୍ଜିତାନାମ୍ ।।**

ଅନ୍ୟ ସମୟରେ ଯଦି ସେ ଧାମକୁ ଯିବ
ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ତୁମେ ସେଠାରେ ରହିବ ।
ସନ୍ଧ୍ୟା ସମୟରେ ତୁମ ଗୁରୁ ଗରଜନ
ଶିବଙ୍କ ଆରତୀ ବାଦ୍ୟେ ନାଗରା ସମାନ ।
ଶୁଣି ମହାକାଳ ନିଶ୍ଚେ ହୋଇବେ ପ୍ରସନ୍ନ
ତୁମ ସର୍ବ ମନ ବାଞ୍ଛା କରିବେ ସେ ପୂର୍ଣ୍ଣ ।।

Digitized by PPRACHIN, SOA

୍ ॥ ୩୯ ॥ ୍

ପାଦନ୍ୟାସୈଃ କ୍ୱଣିତରସନାସ୍ତତ୍ର ଲୀଳାବଧୂତୈଃ
ରତ୍ନଚ୍ଛାୟାଖଚିତବଳିଭିଶ୍ଚାମରୈଃ କ୍ଳାନ୍ତହସ୍ତାଃ ।
ବେଶ୍ୟାସ୍ତ୍ୱତ୍ତୋ ନଖପଦସୁଖାନ ପ୍ରାପ୍ୟ ବର୍ଷାଗ୍ରବିନ୍ଦୁ
ନାମୋକ୍ଷ୍ୟନ୍ତେ ତ୍ୱୟି ମଧୁକରଶ୍ରେଣିଦୀର୍ଘାନ୍ କଟାକ୍ଷାନ୍ ॥

ଧ୍ୱନୀତ କିଙ୍କିଣି ନୃତ୍ୟରତା ବେଶ୍ୟାଗଣେ
ରତ୍ନ-କାନ୍ତି ଦଣ୍ଡ-ଯୁକ୍ତ ଚାମର ଚାଳନେ ।
କ୍ଳାନ୍ତହସ୍ତା, ଅଙ୍ଗେ ତାଙ୍କ ନଖ କ୍ଷତ ସ୍ଥାନ
ତୁମ ବର୍ଷା ବିନ୍ଦୁ ସ୍ପର୍ଶେ ହେବେ ଜ୍ୱାଳାହୀନ ।
ତେଣୁ ମଧୁକରପଂକ୍ତି-ଦୀର୍ଘ କଟାକ୍ଷରେ
ଆମୋଦିତ କରିବେ ତୁମକୁ ଆନନ୍ଦରେ ॥

Digitized by PPRACHIN, SOA

ო ॥ ୪୦ ॥ ∾

ପଶ୍ଚାଦୁଚ୍ଚୈର୍ଭୁଜତରୁବନଂ ମଣ୍ଡଳେନାଭିଲୀନଃ
ସାନ୍ଧ୍ୟଂ ତେଜଃ ପ୍ରତିନବଜପାପୁଷ୍ପରକ୍ତଂ ଦଧାନଃ ।
ନୃତ୍ୟାରମ୍ଭେ ହର ପଶୁପତେରାର୍ଦ୍ରନାଗାଜିନେଚ୍ଛାଂ
ଶାନ୍ତୋଦ୍ୱେଗସ୍ତିମିତନୟନଂ ଦୃଷ୍ଟଭକ୍ତିର୍ଭବାନ୍ୟା ॥

ତତ୍ପରେ ଆରମ୍ଭ ହେବ ଶିବଙ୍କ ତାଣ୍ଡବ
ଜପାପୁଷ୍ପ ରଙ୍ଗ ତୁମେ ଧାରଣ କରିବ ।
ଭୁଜ ପ୍ରାୟ ଉଚ୍ଚ ବୃକ୍ଷ ମାନଙ୍କ ଉପରେ
ବ୍ୟାପ୍ତ ରହିବ ତୁମେ ମଣ୍ଡଳ ଆକାରେ ।
ଶିବଙ୍କର ଆର୍ଦ୍ରଗଜଚର୍ମ ଇଚ୍ଛା ପୂର୍ତ୍ତି
ସଭକ୍ତି କରିବ ପୂର୍ଣ୍ଣ ଦେଖିବେ ପାର୍ବତୀ ॥

Digitized by PPRACHIN, SOA

**॥ ୪୧ ॥**

**ଗଚ୍ଛନ୍ତୀନାଂ ରମଣବସତିଂ ଯୋଷିତାଂ ତତ୍ର ନକ୍ତଂ**
**ରୁଦ୍ଧାଲୋକେ ନରପତିପଥେ ସୁଚିଭେଦୈସ୍ତମୋଭିଃ ।**
**ସୌଦାମିନ୍ୟା କନକନିକଷସ୍ନଗ୍ଧ୍ୟା ଦର୍ଶୟୋର୍ବୀଂ**
**ତ୍ୱୟେସ୍ୱର୍ଗସ୍ତନିତମୁଖରୋ ମା ଚ ଭୂର୍ବିକ୍ଳବାସ୍ତାଃ ॥**

ସେ ନଗ୍ରେ ଘନ ଅନ୍ଧାରେ ରାଜପଥ ପରେ
ପ୍ରେମୀଗୃହେ ନାରୀମାନେ ଯାଆନ୍ତି ରାତ୍ରିରେ ।
କଷଟି ପଥରେ କନକର ରେଖା ପରି
ବିଜୁଳି ଆଲୋକେ ପଥ ପ୍ରଦର୍ଶନ କରି ।
ଯିବ ବିନା ବୃଷ୍ଟିପାତେ ନକରି ଗର୍ଜନ
ଗର୍ଜନ ନାରୀମାନଙ୍କ ଭୟର କାରଣ ॥

Digitized by PPRACHIN, SOA

॥ ୪୨ ॥

ତାଂ କସ୍ୟାଞ୍ଚିଦ୍ ଭବନବଲଭୌ ସୁପ୍ତପାରାବତାୟାଂ
ନୀତ୍ୱା ରାତ୍ରିଂ ଚିରବିଳସନାତ୍ ଖିନ୍ନବିଦ୍ୟୁତ୍କଳତ୍ର ।
ଦୃଷ୍ଟେ ସୂର୍ଯ୍ୟେ ପୁନରପି ଭବାନ ବାହୟେଦଧ୍ୱଶେଷଂ
ମନ୍ଦାୟନ୍ତେ ନ ଖଳୁ ସୁହୃଦାମଭ୍ୟୁପେତାର୍ଥକୃତ୍ୟାଃ ॥

ଦୀର୍ଘ ସମୟ ସ୍ଫୁରଣେ ପତ୍ନୀ ସୌଦାମିନୀ
କ୍ଷୀଣ ହେବ ତନୁ ତାର ଅଙ୍ଗ କ୍ଳାନ୍ତି ଜାଣି ।
ରାତ୍ରି ବିତାଇବ ଏକ ଭବନ ଉପରେ
କପୋତମାନେ ଯେ ସ୍ଥାନେ ଶୁଅନ୍ତି ରାତ୍ରିରେ ।
ପ୍ରଭାତେ ଚଳିବ ଶୀଘ୍ରେ ଅବଶିଷ୍ଟ ପଥ
ବନ୍ଧୁଙ୍କୁ ଦେଇଛ କଥା ହେବନି ବିରତ ॥

Digitized by PPRACHIN, SOA

୍ର ॥ ୪୩ ॥ ୍ର

**ତସ୍ମିନ୍ କାଳେ ନୟନସଲିଳଂ ଯୋଷିତାଂ ଖଣ୍ଡିତାନାଂ**
**ଶାନ୍ତିଂ ନେୟଂ ପ୍ରଣୟିଭିରତୋ ବର୍ମ୍ମ ଭାନୋସ୍ତ୍ୟଜାଶୁ ।**
**ପ୍ରାଲେୟାସ୍ରଂ କମଳବଦନାତ୍ ସୋପି ହର୍ତ୍ତୁଂ ନଳିନ୍ୟାଃ**
**ପ୍ରତ୍ୟାବୃତ୍ତସ୍ତ୍ୱୟି କରରୁଧି ସ୍ୟାଦନଳ୍ପାଭ୍ୟସୂୟଃ ॥**

ପ୍ରଭାତେ ସୂର୍ଯ୍ୟ ଦର୍ଶନେ ପ୍ରେମିକ ସକଳ
ଶାନ୍ତ କରନ୍ତି ଖଣ୍ଡିତା* ନୟନର ଜଳ ।
ପ୍ରେମିକ ସୂର୍ଯ୍ୟ ସ୍ୱପ୍ରିୟା କମଳ ମୁଖରୁ
ହିମାଶ୍ରୁ ହରିବା ପାଇଁ ଆସିବେ ସେ ଦୂରୁ ।
ତେଣୁ ଅବରୋଧ କରିବନି ତାଙ୍କ ପଥ
ନୋହିଲେ ସୂର୍ଯ୍ୟଦେବ ହୋଇବେ କ୍ରୋଧିତ ॥

---

*ଖଣ୍ଡିତା– ନିଜର ପତି ଅନ୍ୟ ସ୍ତ୍ରୀ ସହ ସହବାସ କରିଥିବା ଜାଣି କ୍ରୋଧିତ ହୋଇଥିବା ସ୍ତ୍ରୀ ।

Digitized by PPRACHIN, SOA

## ॥ ୪୪ ॥

ଗମ୍ଭୀରାୟାଃ  ପୟସି  ସରିତଶ୍ଚେତଶିବ  ପ୍ରସନ୍ନେ
ଛାୟାତ୍ମାପି ପ୍ରକୃତିସୁଭଗୋ ଲପ୍ସ୍ୟତେ ତେ ପ୍ରବେଶମ୍ ।
ତସ୍ମାଦସ୍ୟାଃ କୁମୁଦବିଶଦନ୍ୟର୍ହସି ତ୍ୱଂ ନ ଧୈର୍ଯା–
ନ୍ମୋଘୀକର୍ତୁଂ  ଚଟୁଲଶଫରୋଦବର୍ତନପ୍ରେକ୍ଷିତାନି ॥

ଗମ୍ଭୀରା ନଦୀ ଉପରେ ଗମନ କାଳରେ
ତୁମ ପ୍ରତିବିମ୍ବ ଦୃଶ୍ୟ ହେବ ତା ଜଳରେ ।
ନିର୍ମଳ ଜଳେ  କୁମୁଦ–ଧବଳ  ଶଫରୀ
କ୍ରୀଡା କରୁଥିବେ କ୍ଷୀପ୍ର କଟାକ୍ଷ ଉତାରି ।
ଅନୁରକ୍ତ ହୋଇ ତୁମେ ଗମ୍ଭୀରା ନଦୀର
ସ୍ନେହ ସ୍ୱୀକାର କରିବ ନହୋଇ ଅଧୀର ॥

Digitized by PPRACHIN, SOA

॥ ୪୫ ॥

ତସ୍ୟା କିଞ୍ଚିତ୍ କରଧୃତମିବ ପ୍ରାପ୍ତବାନୀରଶାଖଂ
ହୃତ୍ୱା ନୀଳଂ ସଲିଳବସନଂ ମୁକ୍ତରୋଧୋନିତମ୍ବମ୍ ।
ପ୍ରସ୍ଥାନଂ ତେ କଥମପି ସଖେ ! ଲମ୍ବମାନସ୍ୟ ଭାବି
ଜ୍ଞାତାସ୍ୱାଦୋ ବିବୃତଜଘନାଂ କୋ ବିହାତୁଂ ସମର୍ଥଃ ॥

ପଥେ ଗମ୍ଭୀରା ନଦୀର ସୁନୀଳ ଜଳକୁ
ହସ୍ତ ପ୍ରାୟ ବେତ୍ର ଶାଖା ଛୁଇଁଛି ତାହାକୁ ।
ତଟରୁ ସଲିଳ-ବସ୍ତ୍ର ରହିଛି ଦୂରେଇ
ନଗ୍ନ ନିତମ୍ବ ପ୍ରାୟ ସେ ତଟ ଦିଶଇ ।
ଅତିକ୍ରମ ନକରି ତା ଜଳରୂପୀ ବସ୍ତ୍ର
ରହିଣ ଦେଖିବ ନାରୀ ନଗ୍ନ ଜାନୁ ଚିତ୍ର ॥

Digitized by PPRACHIN, SOA

ଓ ॥ ୪୬ ॥ ଓ

ତ୍ୱନ୍ନିଷ୍ୟନ୍ଦୋଚ୍ଛ୍ୱସିତବସୁଧାଗନ୍ଧସମ୍ପର୍କରମ୍ୟ
ସ୍ରୋତୋରନ୍ଧ୍ରଧ୍ୱନିତସୁଭଗଂ ଦନ୍ତିଭିଃ ପୀୟମାନଃ ।
ନୀଚୈର୍ବାସ୍ୟତ୍ୟୁପଜିଗମିଷୋର୍ଦେବପୂର୍ବଂ ଗିରି ତେ
ଶୀତୋ ବାୟୁଃ ପରିଣମୟିତା କାନନୋଦୁମ୍ବରାଣାମ୍ ॥

ତୁମ ବୃଷ୍ଟିଭିଜା ମାଟି ଗନ୍ଧେ ସୁରଭିତ
ଧ୍ୱନି ପୂର୍ବକ ହସ୍ତୀ ଶୁଣ୍ଢରେ ସେବିତ ।
ପରିପକ୍ୱ କରି ବନେ ବଣ୍ୟ ଫଳ ଯେତେ
ବହିବ ଶୀତଳ ବାୟୁ ତୁମର ସଙ୍ଗତେ ।
ଦେବଗିରି ଅଭିମୁଖେ କରିବ ଗମନ
ତୁମର ନିମ୍ନେ ବହିବ ଶୀତଳ ପବନ ॥

Digitized by PPRACHIN, SOA

॥ ୪୭ ॥

ତତ୍ର ସ୍କନ୍ଦଂ ନିୟତବସତିଂ ପୁଷ୍ପମେଘୀକୃତାତ୍ମା
ପୁଷ୍ପାସାରୈଃ ସ୍ନପୟତୁ ଭବାନ ବ୍ୟୋମଗଙ୍ଗାଜଳାର୍ଦ୍ରୈଃ ।
ରକ୍ଷାହେତୋର୍ନବଶଶିଭୃତା ବାସବୀନାଂ ଚମୁନାମ୍
ଅତ୍ୟାଦିତ୍ୟଂ ହୁତବହମୁଖେ ସମ୍ଭୃତଂ ତଦ୍ଧି ତେଜଃ ॥

ବର୍ଷି ବ୍ୟୋମଗଙ୍ଗା ଜଳେ ଆର୍ଦ୍ର ପୁଷ୍ପମାନ
ପୁଷ୍ପମେଘୀ ରୂପେ କରାଇବ ସ୍କନ୍ଦ ସ୍ନାନ ।
ଚନ୍ଦ୍ରମଉଳି ବୀର୍ଯ୍ୟେ ସେ ଅଗ୍ନୀ ମୁଖୁ ଜାତ
ସୂର୍ଯଦେବ ତେଜ ଠାରୁ ବଳି ତେଜବନ୍ତ ।
ଦେବ ସେନାଗଣଙ୍କର ସୁରକ୍ଷା ନିମିତ୍ତ
ଦେବଗିରି ଠାରେ ସ୍ଥାୟୀ ଭାବେ ବିରାଜିତା ॥

Digitized by PPRACHIN, SOA

॥ ୪୮ ॥

ଜ୍ୟୋତିର୍ଲେଖାବଳୟି ଗଳିତଂ ଯସ୍ୟ ବର୍ହିଂ ଭବାନୀ
ପୁତ୍ରପ୍ରେମ୍ନା କୁବଳୟଦଳପ୍ରାପି କର୍ଣ୍ଣେ କରୋତି ।
ଧୌତାପାଙ୍ଗମ୍ ହରଶଶିରୁଚା ପାବକେସ୍ତଂ ମୟୂରଂ
ପଶ୍ଚାଦଦ୍ରିଗ୍ରହଣଗୁରୁଭିର୍ଗର୍ଜିତୈର୍ନର୍ତୟେଥାଃ ॥

ସୁନ୍ଦର ମୟୂର ପଙ୍ଖ ପଦ୍ମ ପୁଷ୍ପ ନେଇ
ପିନ୍ଧିବେ ପାର୍ବତୀ କର୍ଣ୍ଣେ ପୁତ୍ର ସ୍ନେହ ପାଇଁ ।
ପୁତ୍ର ସ୍କନ୍ଦଙ୍କ ମୟୂର ଯାର ନେତ୍ର ଅନ୍ତ
ଶିବ ଶିର-ଚନ୍ଦ୍ର ଚନ୍ଦ୍ରିକାରେ ଅଟେ ଧୌତ ।
ପର୍ବତେ ପ୍ରତିଧ୍ୱନିତ ତୁମ ଗରଜନେ
ନଚାଇବ ସେ ମୟୂର ତାପରେ ଜତନେ ॥

Digitized by PPRACHIN, SOA

॥ ୪୯ ॥

ଆରାଧୈନଂ ଶରବଣଭବଂ ଦେବମୁଲ୍ଲଙ୍ଘିଂତାଧ୍ୱା
ସିଦ୍ଧଦ୍ୱନ୍ଦ୍ୱୈର୍ଜଲକଣଭୟାଦ୍ ବୀଣିଭିର୍ମୁକ୍ତମାର୍ଗଃ ।
ବ୍ୟାଲମ୍ବେଥାଃ ସୁରଭିତନୟାଲମ୍ଭଜାଂ ମାନୟିଷ୍ୟେନ୍
ସ୍ରୋତୋମୂର୍ତ୍ତ୍ୟା ଭୁବି ପରିଣତାଂ ରନ୍ତିଦେବସ୍ୟ କୀର୍ତ୍ତିମ୍ ॥

ଶରବନେ ଜାତ କାର୍ତ୍ତିକଙ୍କ ପୂଜା ସାରି
ପଥେ ଅଗ୍ରସର ହେବ ବୃଷ୍ଟି କରି କରି ।
ସିଦ୍ଧ ଦମ୍ପତି ତ୍ୟାଗିବେ ବର୍ଷା ହେତୁ ପଥ
ଚର୍ମରା ନଦୀ ତଟ୍ରେ ହୋଇବ ସାକ୍ଷାତ ।
ରନ୍ତିଦେବ* କୀର୍ତ୍ତି ଗବାଲମ୍ଭ**ଜଞ୍ଜୁ ଜାତ
ସମ୍ମାନ କରି ନଦୀକୁ ଚଳିବ ତୁରିତ ॥

*– ଏକ ରାଜାଙ୍କ ନାମ
**– ଗୋ ମେଧ

Digitized by PPRACHIN, SOA

ൾ ॥ ୫୦ ॥ ൿ

ତ୍ୱୟାଦାତୁଂ ଜଳମବନତେ ଶାର୍ଙ୍ଗିଣୋ ବର୍ଣ୍ଣ ଚୌରେ
ତସ୍ୟାଃ ସିନ୍ଧୋଃ ପୃଥୁମପି ତନୁ ଦୂରଭାବାଦ୍ ପ୍ରବାହମ୍ ।
ପ୍ରେକ୍ଷିଷ୍ୟନ୍ତେ ଗଗନଗତୟୋ ନୂନମାବର୍ଜ୍ୟ ଦୃଷ୍ଟୀଃ
ଏକଂ ମୁକ୍ତାଗୁଣମିବ ଭୁବଃ ସ୍ଥୂଳମଧ୍ୟେନ୍ଦ୍ରନୀଳମ୍ ॥

କୃଷ୍ଣ ବର୍ଣ୍ଣ ଚୋର ତୁମେ ଜଳ ନେବା ପାଇଁ
ଚର୍ମରାବତୀକୁ ଯେବେ ଆସିବ ଓହ୍ଲାଇ ।
ନଭଚାରୀ ଦେବଗଣେ ଆକାଶରୁ ଚାହିଁ
ଦେଖିବେ ତା ବୃହଦ୍ ରୂପ ଶୀର୍ଣ୍ଣ ଦିଶୁଥାଇ ।
ସତେକି ପୃଥିବୀ ବକ୍ଷେ ଶୋଭେ ମୁକ୍ତାହାର
ଇନ୍ଦ୍ରନୀଳମଣି ଏକ ମଧ୍ୟେ ଯୁକ୍ତ ଯାର ॥

Digitized by PPRACHIN, SOA

ll ୫୧ ll

ତାମୁତୀର୍ଯ୍ୟ  ବ୍ରଜ  ପରିଚିତଭ୍ରୂଲତାବିଭ୍ରମାଣାମ୍
ପକ୍ଷ୍ମୋତ୍କ୍ଷେପାଦୁପରିବିଳସତ୍କୃଷ୍ଣଶାରପ୍ରଭାଣାମ୍  ।
କୂନ୍ଦକ୍ଷେପାନୁଗମଧୁକରଶ୍ରୀମୁଷାମାତ୍ମବିମ୍ବଂ
ପାତ୍ରୀକୁର୍ବନ୍  ଦେଶପୁରବଧୂନେତ୍ରକୌତୂହଳାନାମ୍ ॥

ଅତିକ୍ରମି  ନଦୀ  ଦଶପୁରେ  ପହଞ୍ଚିବ
ଉତ୍ସୁକନୟନୀ  ନାରୀ  ମାନଙ୍କୁ  ଭେଟିବ ।
ଦେଖିବେ  ତୁମର  ରୂପ  ପଲକ  ଉଠାଇ
ସେ ପଲକ କୃଷ୍ଣ  ଶ୍ୱେତ  ଲାଲ  କାନ୍ତିମୟୀ ।
ସତେକି  ଝୁଲନ୍ତ  କୁନ୍ଦ  ପୁଷ୍ପ  ପ୍ରାୟ  ନେତ୍ର
ନେତ୍ରେ ପଛେ ତାଳେ ତାଳେ ଝୁଲନ୍ତି ଭ୍ରମର ॥

Digitized by PPRACHIN, SOA

ଓ ॥ ୫୨ ॥ ଓ

ବ୍ରହ୍ମାବର୍ତ୍ତଂ ଜନପଦମଥଛାୟୟା ଗାହମାନଃ
କ୍ଷେତ୍ରଂ କ୍ଷତ୍ରପ୍ରଧନପିଶୁନଂ କୌରବଂ ତଦ ଭଜେଥାଃ ।
ରାଜନ୍ୟାନାଂ ଶିତଶରଶତୈର୍ଯତ୍ର ଗାଣ୍ଡୀବଧନ୍ୱା
ଧାରାପାତୈସ୍ତ୍ୱାମିବ କମଳାନ୍ୟଭ୍ୟବର୍ଷନ୍ମୁଖାନି ॥

ତପୃରେ ଛାୟାରେ ଅବଗାହୀ ବ୍ରହ୍ମାବର୍ତ୍ତ
ଚଳିବ ଯୁଦ୍ଧ ସୂଚକ କ୍ଷାତ କୁରୁକ୍ଷେତ୍ର ।
ଯେଉଁ କ୍ଷେତ୍ରରେ ଗାଣ୍ଡୀବ ଧନୁର୍ଦ୍ଧାରୀ ପ୍ରାର୍ଥ
ରାଜାଙ୍କ ମସ୍ତକେ ବର୍ଷିଥିଲେ ବାଣ ଶତ ।
ତୁମେ ପଦ୍ମପୁଷ୍ପେ ବୃଷ୍ଟି କର ଯେଉଁପରି
ସେ ବାଣ ବର୍ଷଣ କରିଥିଲେ ସେହିପରି ॥

Digitized by PPRACHIN, SOA

୍ର ॥ ୫୩ ॥ ୧

ହିତ୍ୱା ହାଲାମଭିମତରସାଂ ରେବତୀଲୋଚନାଙ୍କାଂ
ବନ୍ଧୁପ୍ରୀତ୍ୟା ସମରବିମୁଖୋ ଲାଙ୍ଗଲୀ ଯାଃ ସିଷେବେ ।
କୃତ୍ୱା ତାସାମଧିଗମମପାଂ ସୌମ୍ୟ ସାରସ୍ୱତୀନାଂ
ମନ୍ତଃ ଶୁଦ୍ଧସ୍ତ୍ୱମପି ଭବିତା ବର୍ଣ୍ଣମାତ୍ରେଣ କୃଷ୍ଣଃ ॥

ପାଣ୍ଡବ କୌରବ ପ୍ରୀତି ହେତୁ ବଳରାମ
ମହାଭାରତ ସମରୁ ନେଲେ ସେ ବିରାମ ।
ତ୍ୟାଗି ମଦିରା ରେବତୀ ଲୋଚନ ଅଙ୍କିତ*
ସରସ୍ୱତୀ ଜଳପାନ କରି ହେଲେ ତୃପ୍ତ ।
ହେ ଜଳଦ ! ତୁମେ ସେହି ଜଳ କରି ପାନ
ଅନ୍ତରେ ରହିବ ଶୁଦ୍ଧ ବାହ୍ୟ କୃଷ୍ଣ ବର୍ଣ୍ଣ ॥

---

*–(ରେବତୀ ଲୋଚନ ଅଙ୍କିତ– ରେବତୀଙ୍କ ନେତ୍ର ପ୍ରତିବିମ୍ବିତ ହୋଇଥିବା)

Digitized by PPRACHIN, SOA

॥ ୫୪ ॥

ତସ୍ମାଦ୍ ଗଚ୍ଛେରନୁକନଖଳଂ ଶୈଳରାଜାବତୀର୍ଣ୍ଣାଂ
ଜହ୍ନୋଃ କନ୍ୟାଂ ସଗରତନୟସ୍ୱର୍ଗସୋପାନପଙ୍କ୍ତିମ୍ ।
ଗୌରୀବକ୍ତ୍ରଭ୍ରୂକୁଟିରଚନାଂ ଯା ବିହସ୍ୟେବ ଫେନୈଃ
ଶମ୍ଭୋଃ କେଶଗ୍ରହଣମକରୋଦିନ୍ଦୁଲଗ୍ନୋର୍ମିହସ୍ତା ॥

ତତ୍ପରେ ଯାଇ ଦେଖିବ କନଖଳ* ତୀର୍ଥ
ହିମାଳୟୁ ଅବତୀର୍ଣ୍ଣ ଯହିଁ ଗଙ୍ଗା ମାତ ।
ଫେନୀଳ ଶୋଭାରେ ଗୌରୀ ମୁଖ ଭ୍ରୁକୁଟିକୁ
ଉପହାସ କରି ବହିଯାଏ ସେ ନିମ୍ନକୁ ।
ଶିବଶିର-ଚନ୍ଦ୍ର-ସ୍ପର୍ଶୀ ଲହରୀ-ହସ୍ତରେ
ଧରିଛି କି ଜଟାକୁ ସେ ପ୍ରୀତି ପରଶରେ ॥

*ହରିଦ୍ୱାର ନିକଟସ୍ଥ ଏକ ତୀର୍ଥର ନାମ

Digitized by PPRACHIN, SOA

ⲟ ॥ ୫୫ ॥ ⲟ

**ତସ୍ୟା ପାତୁଂ ସୁରଗଜ ଇବ ବ୍ୟୋମ୍ନୀ ପଶ୍ଚାର୍ଧଲମ୍ବୀ**
**ତ୍ୱଂ ଚେଦଚ୍ଛସ୍ଫଟିକବିଶଦଂ ତର୍କୟେସ୍ତିର୍ଯଗମ୍ଭଃ ।**
**ସଂସର୍ପନ୍ତ୍ୟା ସପଦି ଭବତଃ ସ୍ରୋତସିଚ୍ଛାୟୟାସୌ**
**ସ୍ୟାଦସ୍ଥାନୋପଗତେଯମୁନାସଙ୍ଗମେବାଭିରାମା ॥**

ହେ ମେଘ ! ନଭେ ସଂଲଗ୍ନ କରି ପଶ୍ଚାଦ୍‌ଭାଗ
ଦ୍ୱିଗ୍ଗଜ ପ୍ରାୟ ତିର୍ଯ୍ୟକେ କାଢି ମୁଖଭାଗ ।
ସ୍ଫଟିକ ପ୍ରାୟ ସେ ସ୍ୱଚ୍ଛ ଜାହ୍ନବୀର ନୀର
ପାନ କରିବାକୁ ମନେ କରିଲେ ବିଚାର ।
ସହସା ତୁମର ଛାୟା ଗଙ୍ଗା ପ୍ରବାହରେ
ମିଶି ସଙ୍ଗମର ଦୃଶ୍ୟ ହେବ ଅସ୍ଥାନରେ ॥

Digitized by PPRACHIN, SOA

ை ॥ ୫୬ ॥ ல

ଆସୀନାନାଂ ସୁରଭିତଶିଳଂ ନାଭିଗନ୍ଧୈର୍ମୃଗାଣାଂ
ତସ୍ୟା ଏବ ପ୍ରଭବମଚଳଂ ପ୍ରାପ୍ୟ ଗୌରଂ ତୁଷାରୈଃ ।
ବକ୍ଷସ୍ୟଧ୍ୱଶ୍ରମବିନୟନେ ତସ୍ୟ ଶୃଙ୍ଗେ ନିଷଣ୍ଣଃ
ଶୋଭାଂ ଶୁଭ୍ରତ୍ରିନୟନବୃଷୋତ୍‌ଖାତପଙ୍କୋପମେୟାମ୍ ॥

କସ୍ତୁରୀ ମୃଗର ନାଭି ଗନ୍ଧେ ସୁରଭିତ
ଶିଳାମାନଙ୍କରେ ଯେଉଁ ପର୍ବତ ଗଠିତ ।
ଗଙ୍ଗା ଉଦ୍ଭବ ସ୍ଥଳ ତୁଷାରେ ଧବଳ
ପଥ କ୍ଲାନ୍ତି ଦୂର ହେବ ବିଶ୍ରମି ସେ ସ୍ଥଳ ।
ଶିବଙ୍କ ଶ୍ୱେତ-ବୃଷଭ ଶୃଙ୍ଗେ ପଙ୍କ ଚିହ୍ନ
ପ୍ରାୟ ଦୃଶ୍ୟ ହେବ ତୁମ ବିଶ୍ରାମର ସ୍ଥାନ ॥

Digitized by PPRACHIN, SOA

ର ॥ ୫୭ ॥ ଋ

ତଂ ଚେଦ୍ ବାୟୌ ସରତି ସରଳସ୍କନ୍ଧସଂଘଟ୍ଟଜନ୍ମା
ବାଧେତୋଲ୍କାକ୍ଷପିତଚମରୀବାଳଭାରୋ ଦବାଗ୍ନିଃ ।
ଅର୍ହସ୍ୟେନଂ ଶମୟିତୁମଲଂ ବାରିଧାରାସହସ୍ରୈ
ରାପନ୍ନାର୍ତିପ୍ରଶମନଫଳାଃ ସଂପଦୋ ହ୍ୟୁତମାନାମ୍ ॥

ଦେବଦାରୁ ଶାଖା ଘର୍ଷଣେ ହୋଇ ଅଗ୍ନି ଜାତ
ଚମରୀ ଗାଭୀ କେଶକୁ ଜାଳି କରେ କ୍ଷତ ।
ପୀଡିତ ହୋଇବ ନିଶ୍ଚେ ସେଇ ପରବତ
ଶାନ୍ତ କରିବ ତାହାକୁ କରି ବୃଷ୍ଟିପାତ ।
ସଦା ଉତ୍ତମ ପୁରୁଷ ମାନଙ୍କର ଧନ
ଦୁଃଖୀ ମାନଙ୍କର ଦୁଃଖ କରଇ ମୋଚନ ॥

Digitized by PPRACHIN, SOA

ମ ॥ ୫୮ ॥ ମ

ଯେ ସଂରମ୍ଭୋତ୍ପତନରଭସାଃ ସ୍ୱାଙ୍ଗଭଙ୍ଗାୟ ତସ୍ମିନ୍
ମୁକ୍ତାଧ୍ୱାନଂ ସପଦି ଶରଭା ଲଙ୍ଘୟେୟୁର୍ଭବନ୍ତମ୍ ।
ତାନ୍ କୁର୍ବିଥାସ୍ତୁମୁଳକରକାବୃଷ୍ଟିପାତାବକୀର୍ଣ୍ଣାନ୍
କେ ବା ନ ସ୍ୟୁଃ ପରିଭବପଦଂ ନିଷ୍ଫଳାରମ୍ଭଯତ୍ନାଃ ॥

ତେଜି ସରଭ ମାନଙ୍କ ଉତ୍‌ପ୍ଳବନ ପଥ
ଅନ୍ୟ ପଥେ ଯିବା ଦେଖି ସେ ସରଭ ଯୂଥ ।
କ୍ରୋଧ ପୂର୍ବକ ତୁମକୁ କଲେ ଆକ୍ରମଣ
ତୁମୁଳ କରକା ପାତେ ନେବ ତାଙ୍କ ପ୍ରାଣ ।
ନିଷ୍ଫଳ କାର୍ଯ୍ୟୋପକ୍ରମ କରେ ଯେଉଁ ଜନ
ପରାଭବ ପାଇଥାଏ ଏ ସଂସାରେ ଜାଣ ॥

Digitized by PPRACHIN, SOA

ା। ୫୯ ।।

ତତ୍ର ବ୍ୟକ୍ତଂ ଦୃଷଦି ଚରଣନ୍ୟାସମର୍ଧେନ୍ଦୁମୌଳେଃ
ଶଶ୍ୱତ ସିଦ୍ଧୈରୁପଚିତବଳିଂ ଭକ୍ତିନମ୍ରଃ ପରିୟାଃ ।
ଯସ୍ମିନ୍ ଦୃଷ୍ଟେ କରଣବିଗମାଦୂର୍ଦ୍ଧ୍ୱଦ୍ଧତପାପାଃ
କଳ୍ପିଷ୍ୟନ୍ତେ ସ୍ଥିରଗଣପଦପ୍ରାପୟେ ଶ୍ରଦ୍ଧଧାନାଃ ।।

ହିମାଳୟ ସ୍ଥିତ ଏକ ଶିଳାଖଣ୍ଡ ପରେ
ଶିବଙ୍କ ଚରଣ ଚିହ୍ନ ଅଙ୍କିତ ସେଠାରେ ।
ଯୋଗୀଙ୍କ ଦ୍ୱାରା ସେ ଶିଳା ସଦୈବ ପୂଜିତ
ପରିକ୍ରମଣ କରିବ ଭକ୍ତିର ସହିତ ।
ସେ ଶିଳା ଦର୍ଶନ କରେ ଯେ ଶ୍ରଦ୍ଧାଳୁ ଜନ
ପାପ ମୁକ୍ତ ହୁଏ ପାଏ ଶିବଗଣେ ସ୍ଥାନ ।।

Digitized by PPRACHIN, SOA

ᔕ ॥ ୬୦ ॥ ᔓ

**ଶବ୍ଦାୟନ୍ତେ ମଧୁରମନିଳୈଃ କିଚକାଃ ପୂର୍ଯମାଣା**
**ସଂସକ୍ତାଭିସ୍ତ୍ରିପୁରବିଜୟୋ ଗୀୟତେକିନ୍ନରୀଭିଃ ।**
**ନିର୍ହ୍ଲାଦସ୍ତେ ମୁରଜ ଇବ ଚେତ୍ କନ୍ଦରେଷୁ ଧ୍ୱନୀଃ ସ୍ୟାତ୍**
**ସଙ୍ଗୀତାର୍ଥୋ ନନୁ ପଶୁପତେସ୍ତତ୍ର ଭାବୀ ସମଗ୍ରଃ ॥**

ସେ ସ୍ଥାନରେ ବାଉଁଶରେ ହୋଇ ବାୟୁ ପୂର୍ଣ୍ଣ
ବଂଶୀ ବାଦନ ସମାନ ଶୁଭେ ମଧୁ ସ୍ୱନ ।
ଗାଆନ୍ତି କିନ୍ନରୀ ତ୍ରିପୁର ବିଜୟ ଗାନ
ମୃଦଙ୍ଗ ଧ୍ୱନି ଅଭାବେ ସଙ୍ଗୀତ ଅପୂର୍ଣ୍ଣ ।
ତୁମ ମନ୍ଦ୍ର ଧ୍ୱନି ହେଲେ କନ୍ଦରେ ଝଙ୍କୃତ
ସମ୍ପୂର୍ଣ୍ଣ ହୋଇବ ଶଙ୍କରଙ୍କ ସଙ୍ଗୀତାର୍ଥ ॥

Digitized by PPRACHIN, SOA

॥ ୬୧ ॥

ପ୍ରାଲେୟାଦ୍ରେରୁପତଟମତିକ୍ରମ୍ୟ ତାଂସ୍ତାନ୍ ବିଶେଷାନ୍
ହଂସଦ୍ୱାର ଭୃଗୁପତିଯଶୋବର୍ତ୍ମ ଯତ୍ କ୍ରୌଞ୍ଚରନ୍ଧ୍ରମ୍ ।
ତେନୋଦୀଚୀଂ ଦିଶମନୁସରେସ୍ତିର୍ଯଗାୟାମଶୋଭୀ
ଶ୍ୟାମଃ ପାଦୌ ବଲିନିୟମନାଭ୍ୟୁଦ୍ୟତସ୍ୟେବ ବିଷ୍ଣୋ ॥

ହିମାଳୟ ପାଶେ ଯେତେ ଦର୍ଶନୀୟ ସ୍ଥାନ
ଦେଖି ଚଳିଯିବ ଭୃଗୁପତି କୀର୍ତ୍ତିମାନ ।
ତତ୍ପରେ ତିର୍ଯ୍ୟକେ କ୍ରୌଞ୍ଚରନ୍ଧ୍ର ପଥ ଦେଇ
ଉତ୍ତରକୁ ଯିବ ବିଷ୍ଣୁ ପଦ ଶୋଭା ନେଇ ।
ବିଷ୍ଣୁଙ୍କ ପଦ ତିର୍ଯ୍ୟକେ ବାହାରି ନାଭିରୁ
ଚାପିଥିଲା ପାତାଳକୁ ବଳିକୁ ମହୀରୁ ॥

Digitized by PPRACHIN, SOA

ꣳ ॥ ୬୨ ॥ ꣳ

**ଗତ୍ୱା ଚୋର୍ଦ୍ଧ୍ୱଂ ଦଶମୁଖଭୁଜୋଚ୍ଛ୍ୱାସିତପ୍ରସ୍ଥସନ୍ଧେଃ**
**କୈଳାସସ୍ୟ ତ୍ରିଦଶବନିତାଦର୍ପଣସ୍ୟାତିଥିଃ ସ୍ୟାଃ ।**
**ଶୃଙ୍ଗୋଚ୍ଛ୍ରାୟୈଃ କୁମୁଦବିଶଦୈର୍ୟୋ ବିତତ୍ୟ ସ୍ଥିତ ଖଂ**
**ଶଶୀଭୂତଃ ପ୍ରତିଦିନମିବ ତ୍ର୍ୟମ୍ବକସ୍ୟାଟ୍ଟହାସଃ ॥**

ବିଂଶବାହୁ ବିଶ୍ଳେଷିତ ଶୃଙ୍ଗ ସନ୍ଧି ଯାର
ଦେବାଙ୍ଗନାଙ୍କ ଦର୍ପଣ ସଦୃଶ ସୁନ୍ଦର ।
ଏପରି କୈଳାସ ଗିରି କରିବ ଅତିଥି
କୁମୁଦ ଧବଳ ଯାର ଶୃଙ୍ଗ ଉଚ୍ଚ ଅତି ।
ବ୍ୟାପି ରହିଛନ୍ତି ଶୃଙ୍ଗମାନେ ସେ ଆକାଶ
ଦିଶେ ପ୍ରତ୍ୟହ ସତେକି ଶିବ ଅଟ୍ଟହାସ ॥

Digitized by PPRACHIN, SOA

॥ ୬୩ ॥

ଉପ୍ତଶ୍ୟାମି ତ୍ୱୟି ତଟଗତେ ସ୍ନିଗ୍ଧଭିନ୍ନାଞ୍ଜନାଭେ
ସଦ୍ୟଃ କୃତ୍ତଦ୍ୱିରଦଦଶନଚ୍ଛେଦଗୌରସ୍ୟ ତସ୍ୟ ।
ଶୋଭାମଦ୍ରେଃ ସ୍ତିମିତନୟନପ୍ରେକ୍ଷଣୀୟାଂ ଭବିତ୍ରି–
ମଂସନ୍ୟସ୍ତେ ସତି ହଳଭୃତୋ ମେଚକେ ବାସସୀବ ॥

ସଦ୍ୟ କୃତ୍ତ ଗଜଦନ୍ତେ ନିର୍ମିତ ସେ ଖଣ୍ଡ
ପ୍ରାୟ ଧବଳ ବର୍ଣ୍ଣ କୈଳାସର ଶୃଙ୍ଗ ।
ଚିକ୍କଣ କଜ୍ଜଳ ବର୍ଣ୍ଣ ତୁମେ ହେ ଜଳଦ
ସ୍ପର୍ଶ କଲେ ବୃଦ୍ଧି ହେବ ତା ଶୋଭା ସମ୍ପଦ ।
ସତେକି ଧବଳ କାନ୍ତି ବଳରାମ ସ୍କନ୍ଧେ
ଶ୍ୟାମଳ ବସ୍ତ୍ର ପକାଇ ଅଛନ୍ତି ଆନନ୍ଦେ ॥

Digitized by PPRACHIN, SOA

॥ ୬୪ ॥

ହିତ୍ୱା ତସ୍ମିନ୍ ଭୁଜଗବଳୟଂ ଶମ୍ଭୁନା ଦତ୍ତହସ୍ତା
କ୍ରୀଡାଶୈଳେ ଯଦି ଚ ବିଚରେତ୍ ପାଦଚାରେଣ ଗୌରୀ ।
ଭଙ୍ଗୀଭକ୍ତ୍ୟା ବିରଚିତବପୁଃ ସ୍ତମ୍ଭିତାନ୍ତର୍ଜଳୌଘଃ
ସୋପାନତ୍ୱଂ କୁରୁ ମଣିତଟାରୋହଣାୟାଗ୍ରଯାୟୀ ॥

କ୍ରୀଡ଼ାଶୈଳେ ତେଜି ସର୍ପ କଙ୍କଣ ଶଙ୍କର
ବିଚରନ୍ତି ଧରି ହସ୍ତେ ପାର୍ବତୀଙ୍କ କର ।
ଅନ୍ତର୍ଜଳ ସ୍ରୋତ ତୁମେ କରିଣ ସ୍ଥଗିତ
ଚଳିବ ଅଗ୍ରତେ ତାଙ୍କ ମଣିଶୃଙ୍ଗ ତଟ ।
ମଣିତଟ ଆରୋହଣେ ହୋଇଣ ସୋପାନ
ଶିବ ପାର୍ବତୀଙ୍କୁ ତୁମେ କରିବ ପ୍ରସନ୍ନ ॥

Digitized by PPRACHIN, SOA

॥ ୬୫ ॥

**ତତ୍ରାବଶ୍ୟଂ ବଳୟକୁଳିଶୋଦ୍‌ଘଟ୍ଟନୋଦଗୀର୍ଣ୍ଣତୋୟଂ**
**ନେଷ୍ୟନ୍ତି ତ୍ୱାଂ ସୁରଯୁବତୟୋ ଯନ୍ତ୍ରଧାରାଗୃହତ୍ୱମ୍ ।**
**ତାଭ୍ୟୋ ମୋକ୍ଷସ୍ତବ ଯଦି ସଖେ ଘର୍ମଲବ୍ଧସ୍ୟ ନ ସ୍ୟାତ୍**
**କ୍ରୀଡାଲୋଲାଃ ଶ୍ରବଣପରୁଷୈର୍ଗର୍ଜିତୈର୍ଭାୟୟେସ୍ତାଃ ॥**

କଙ୍କଣ ରୂପୀ କୁଳିଶ କରିଣ ଆଘାତ
ଦେବାଙ୍ଗନା ତୁମ ଜଳ କରିବେ ନିର୍ଗତ ।
ସେ ଜଳ ଯନ୍ତ୍ରଧାରାରେ କରି ପରିଣତ
କୈଳାସରେ ଦେବାଙ୍ଗନା ହେବେ କ୍ରୀଡାରତ ।
ସେମାନଙ୍କ କବଳରୁ ମୁକ୍ତ ହେବା ପାଇଁ
ଡରାଇବ କର୍ଣ୍ଣକଟୁ ଗର୍ଜନ ଶୁଣାଇ ॥

Digitized by PPRACHIN, SOA

॥ ୬୬ ॥

ହେମାମ୍ଭୋଜପ୍ରସବି ସଲିଳଂ ମାନସସ୍ୟାଦଦାନଃ
କୁର୍ବନ୍ କାମଂ କ୍ଷଣମୁଖପଟପ୍ରୀତିମୈରାବତସ୍ୟ ।
ଧୁନ୍ୱନ୍ କଳ୍ପଦ୍ରୁମକିଶଳୟାନ୍ୟଂଶୁକାନୀବ ବାତୈ–
ର୍ନାନାଚେଷ୍ଟୈର୍ଜଳଦ ! ଲଳିତୈର୍ନିର୍ବିଶେସ୍ତଂ ନଗେନ୍ଦ୍ରମ୍ ॥

ସୁବର୍ଣ୍ଣ କମଳପ୍ରସୂ ମାନସରୋବର
ପାନ କରିବ ପବିତ୍ର ମଧୁର ତା ନୀର ।
ଐରାବତ ହସ୍ତୀ ମୁଖେ ବସ୍ତ୍ର ରୂପେ ରହି
ପ୍ରୀତି ପ୍ରଦାନ କରିବ କିଛି କ୍ଷଣ ତହିଁ ।
ପବନେ ହଲାଇ କଳ୍ପଦ୍ରୁମ ନବପତ୍ର
ଆନନ୍ଦ ନେବ ପର୍ବତରାଜଙ୍କ ଲାଳିତ୍ୟ ॥

Digitized by PPRACHIN, SOA

ൈ ॥ ୬୭ ॥ ൈ

ତସ୍ୟୋତ୍ସଙ୍ଗେ ପ୍ରଣୟିନ ଇବ ସ୍ରସ୍ତଗଙ୍ଗାଦୁକୂଳାଂ
ନ ତ୍ୱଂ ଦୃଷ୍ଟ୍ୱା ନ ପୁନରଳକାଂ ଜ୍ଞାସ୍ୟସେ କାମଚାରିନ୍ ।
ଯା ବଃ କାଳେ ବହତି ସଲିଳୋଦ୍‌ଗାରମୁଚ୍ଚୈର୍ବିମାନା
ମୁକ୍ତାଜାଲଗ୍ରଥିତମଳକଂ କାମିନୀବାଭ୍ରବୃନ୍ଦମ୍ ॥

ଗଙ୍ଗାରୂପୀ ବସ୍ତ୍ର ପିନ୍ଧି ସେ ଅଳକାପୁରୀ
ପ୍ରେମିକ କୈଳାସ କୋଳେ ବସିଥିବା ପରି ।
ଦେଖିଣ ହେ ମେଘ ! ତୁମେ ଚିହ୍ନିବ ତାହାକୁ
ସୁଉଚ୍ଚ ହର୍ମ୍ୟମୟୀ ସେ ଅଳକାପୁରୀକୁ ।
ପ୍ରାସାଦ ଶିଖରେ କୃଷ୍ଣ ମେଘମାଳା ଦୃଶ୍ୟ
ସତେକି ମୋତି ଜାଲରେ ବନ୍ଧା ନାରୀ କେଶ ॥

Digitized by PPRACHIN, SOA

# ଉତ୍ତର ମେଘ

ᔕ ॥ ୧ ॥ ᔓ

ବିଦ୍ୟୁତ୍ୱନ୍ତଂ ଲଳିତ ବନିତାଃ ସେନ୍ଦ୍ରଚାପଂ ସଚିତ୍ରାଃ
ସଂଗୀତାୟପ୍ରହତମୁରଜାଃ ସ୍ନିଗ୍ଧଗମ୍ଭୀର–ଘୋଷମ୍ ।
ଅନ୍ତସ୍ତୋୟଂ ମଣିମୟଭୁବସ୍ତୁଙ୍ଗମଭ୍ରଂଲିହାଗ୍ରାଃ
ପ୍ରାସାଦାସ୍ତ୍ୱାଂ ତୁଳୟିତୁମଳଂ ଯତ୍ର ତୈସ୍ତୈର୍ବିଶେଷୈଃ ॥

ଅଳକା ରମଣୀ ମାନଙ୍କ ସହିତ
ତୁମ ବନିତା ଚପଳା
ତୁମ ସପ୍ତରଙ୍ଗୀ ଇନ୍ଦ୍ରଧନୁ ସହ
ଅଳକାର ଚିତ୍ରଶାଳା
କର୍ଣ୍ଣପ୍ରିୟ ତୁମ ଗରଜନ ସହ
ଅଳକା ମୃଦଙ୍ଗ ନାଦ
ତୁମର ଉଚ୍ଚତା ସହ ତୁଳନୀୟ
ନଭଶ୍ଚୁମ୍ବୀ ତା ପ୍ରାସାଦ ॥ ୧ ॥

Digitized by PPRACHIN, SOA

॥ ୨ ॥

**ହସ୍ତେ ଲୀଳାକମଳମଳକେ ବାଳକୁନ୍ଦାନୁବିଦ୍ଧଂ**
**ନୀତା ଲୋଧ୍ରପ୍ରସବରଜସା ପାଣ୍ଡୁତାମାନନେ ଶ୍ରୀଃ ।**
**ଚୂଡାପାଶେ ନବକୁରୁବକଂ ଚାରୁ କର୍ଣ୍ଣେ ଶିରୀଷଂ**
**ସୀମନ୍ତେ ଚ ତ୍ୱଦୁପଗମଜଂ ଯତ୍ର ନୀପଂ ବଧୂନାମ୍ ॥**

ଅଳକା ବଧୂଙ୍କ ହସ୍ତରେ ଶୋଭଇ
ଶରତରେ କ୍ରୀଡା-ପଦ୍ମ
ହେମନ୍ତରେ ଚୂର୍ଣ୍ଣ କୁନ୍ତଳେ ଭୂଷିତ
କୁନ୍ଦ ପୁଷ୍ପ ଅନୁପମ
ଶୀତେ ଲୋଧ୍ରପୁଷ୍ପ ରେଣୁ ପ୍ରୟୋଗରେ
ମୁଖ ଦିଶଇ ଉଜ୍ଜ୍ୱଳ
ବସନ୍ତରେ କେଶ ବେଣୀ ଅଗ୍ରେ ଶୋଭେ
ଶୌମ୍ୟ କୁରବକ ଫୁଲ
ଗ୍ରୀଷ୍ମକାଳେ କର୍ଣ୍ଣ ଯୁଗେ ଆଭୂଷିତ
ସୁନ୍ଦର ଶିରୀଷ ଫୁଲ
ତୁମ ଆଗମନେ ସୀମନ୍ତେ ମଣ୍ଡନ
କରନ୍ତି କଦମ୍ବ ମାଳ ॥



Digitized by PPRACHIN, SOA

ଠ ॥ ୩ ॥ ଡ

**ଯସ୍ୟା ଯକ୍ଷାଃ ସିତମଣିମୟାନ୍ୟେତ୍ୟ ହର୍ମ୍ୟସ୍ଥଳାନି**
**ଜ୍ୟୋତିଶ୍ଛାୟାକୁସୁମରଚିତାନ୍ୟୁତ୍ତମସ୍ତ୍ରୀସହାୟାଃ ।**
**ଆସେବନ୍ତେ ମଧୁରିତଫଳଂ କଳ୍ପବୃକ୍ଷପ୍ରସୂତଂ**
**ତ୍ୱଦ୍ଗମ୍ଭୀରଧ୍ୱନିଷୁ ଶନକୈଃ ପୁଷ୍କରେଷ୍ୱାହତେଷୁ ॥**

ସେ ଅଳକାପୁରୀ ମନ ନିଏ ହରି
ପ୍ରାସାଦମାଳା ଶୋଭିତ
ପ୍ରାସାଦର ଶୋଭା ଅତି ମନଲୋଭା
ସ୍ଫଟିକ ମଣି ଖଚିତ
ନକ୍ଷତ୍ର ମାନଙ୍କ ପ୍ରତିବିମ୍ବ ପଡ଼ି
ସ୍ଫଟିକ ମଣି ଉପରେ
ସତେକି ପ୍ରାସାଦ ଶୃଙ୍ଗରେ ସଜ୍ଜିତ
ହୋଇଛନ୍ତି ସୁମନରେ
ଯକ୍ଷମାନେ ଧରି ରମଣୀ ସୁନ୍ଦରୀ
ଯାଇ ପ୍ରାସାଦ ଶିଖରେ
ତୁମ ସ୍ୱର ପ୍ରାୟ ଗମ୍ଭୀର ନାଦରେ
ବଜାନ୍ତି ମୃଦଙ୍ଗ ଧୀରେ
ମୃଦଙ୍ଗ ବାଦନେ କଳ୍ପ ବୃକ୍ଷୁ ଝରେ
ମଦିରା ସେ ରତିଫଳ
ସେ ମଦିରା ପାନ କରି ଯକ୍ଷମାନେ
ଆନନ୍ଦେ ହୁଅନ୍ତି ଭୋଳ ॥



Digitized by PPRACHIN, SOA

ଓ ॥ ୪ ॥ ଓ

ମନ୍ଦାକିନ୍ୟାଃ ସଲିଲ-ଶିଶିରୈଃ ସେବ୍ୟମାନାମରୁଭି
ର୍ମନ୍ଦାରାଣାମନୁତଟରୁହାଂ ଛାୟୟା ବାରି-ତୋଷ୍ଣାଃ ।
ଅନ୍ୱେଷ୍ଟବୈଃ କନକସିକତା-ମୁଷ୍ଟି-ନିକ୍ଷେପଗୁଢୈଃ
ସଂକ୍ରୀଡନ୍ତେ ମଣିଭିରମରପ୍ରାର୍ଥିତା ଯତ୍ର କନ୍ୟାଃ ॥

ଦେବାଭିଷ୍ଟ ବ୍ୟୋମ- ଗଙ୍ଗା ଜଳେ
ଶୀତ-ସମୀର ପରଶ ପାଇଁ
ତଟ-ଜବା ତରୁ ଛାୟା ପ୍ରଦାନରେ
ତାପୁ ସୁରକ୍ଷିତ ହୋଇ
ଯକ୍ଷ କୁମାରୀଏ ସ୍ୱର୍ଣ୍ଣ ସୈକତରେ
ମୁଷ୍ଟି ବାନ୍ଧି କ୍ରୀଡା ରତ
ଲୁଚାଇ ମଣିକୁ ସୈକତ ମୁଷ୍ଟିରେ
ଖୋଜିବାରେ ଥାନ୍ତି ବ୍ୟସ୍ତ ॥

Digitized by PPRACHIN, SOA

ↀ ॥ ୫ ॥ ↀ

ନୀବୀବନ୍ଧୋଚ୍ଛ୍ୱସିତଶିଥିଳଂ ଯତ୍ର ବିମ୍ବାଧରାଣାଂ
କ୍ଷୌମଂ ରାଗାଦନିଭୃତକରେଷ୍ୱାକ୍ଷିପତ୍ସୁ ପ୍ରିୟେଷୁ ।
ଅର୍ଚିସ୍ତୁଙ୍ଗାନଭିମୁଖମପି ପ୍ରାପ୍ୟ ରତ୍ନପ୍ରଦୀପାନ୍
ହ୍ରୀମୁଢାନାଂ ଭବତି ବିଫଳପ୍ରେରଣା ଚୂର୍ଣ୍ଣ–ମୁଷ୍ଟିଃ ॥

ସେ ଅଳକାପୁରେ ପ୍ରିୟତମଙ୍କର
ତ୍ୱରିତ କର ଚାଳନ
ମୁକ୍ତ କରେ ଅନ୍ତ– ର୍ବାସ ପ୍ରିୟାଙ୍କର
ଶିଥିଳ ଅଙ୍ଗ ବସନ
କାମାବେଗେ ବିବ– ସନା କରିବାକୁ
ଭିଡନ୍ତି ତାଙ୍କ ବସନ
ଲଜ୍ଜା ନିବାରଣ ପାଇଁ ପ୍ରିୟାମାନେ
ହୁଅନ୍ତି ଉପାୟଶୂନ୍ୟ
ଆଲୋକକୁ ନିର୍ବା– ପିତ କରିବାକୁ
ନେଇ ପ୍ରସାଧନୀ ଚୂର୍ଣ୍ଣ
ମୁଷ୍ଟି ଭରି ପ୍ରକ୍ଷେ– ପନ୍ତି ରତ୍ନଦୀପେ
ହୁଅନ୍ତି ବିଫଳମନ ॥

Digitized by PPRACHIN, SOA

ര ॥ ୬ ॥ ര

**ନେତ୍ରା ନୀତାଃ ସତତମତିନା ଯଦ୍ୱିମାନାଗ୍ରଭୂମି-**
**ରାଲେଖ୍ୟାନାଂ ସ୍ୱଜଳକଣିକା-ଦୋଷମୁତ୍ପାଦ୍ୟ ସଦ୍ୟଃ ।**
**ଶଙ୍କାସ୍ପୃଷ୍ଟା ଇବ ଜଳମୁଚସ୍ତ୍ୱାଦୃଶା ଜାଲମାର୍ଗୈ-**
**ର୍ଧୂମୋଦ୍ଗାରାନୁକୃତିନିପୁଣା ଜର୍ଜରା ନିଷ୍ପତନ୍ତି ॥**

ନିରନ୍ତର ଗତି- ରତ ବାୟୁ ଦ୍ୱାରା
ତୁମ ସମ ମେଘମାଳା
ଅଳକାପୁରୀ ସପ୍ତ- ତଳ ପ୍ରାସାଦ
ଶିଖରେ ବାନ୍ଧନ୍ତି ମେଳା
ସ୍ୱଜଳ-କଣାରେ ଦୂଷିତ କରିଣ
ପ୍ରାସାଦ ଆଲେଖ୍ୟମାନ
ଭୟେ ଧୂମ୍ର ରୂପ ଧରି ଗବାକ୍ଷରେ
କରି ଥାଆନ୍ତି ପ୍ରସ୍ଥାନ ॥

Digitized by PPRACHIN, SOA

∽ ॥ ୭ ॥ ∾

ଅତ୍ର ସ୍ତ୍ରୀଣାଂ ପ୍ରିୟତମଭୁଜାଲିଙ୍ଗନୋଚ୍ଛ୍ୱାସିତାନା–
ମଙ୍ଗଲାନିଂ ସୁରତଜନିତାଂ ତନ୍ତୁଜାଲବଲମ୍ବାଃ ।
ତ୍ୱତ୍ସଂରୋଧପଗମ ବିଶଦୈଶ୍ଚନ୍ଦ୍ରପାଦୈର୍ନିଶୀଥେ
ବ୍ୟାଲୁମ୍ପନ୍ତି ସ୍ଫୁଟଜଳଲବସ୍ୟନ୍ଦିନଶ୍ଚନ୍ଦ୍ରକାନ୍ତାଃ ॥

ଅଳକା ଆକାଶେ ନିଶିଥରେ ତୁମ
ଅବରୋଧ ନଥିବାରୁ
ଚନ୍ଦ୍ରିକା ପରଶେ ଜଳବିନ୍ଦୁ ପଡେ
ଚନ୍ଦ୍ରକାନ୍ତ ମଣିଠାରୁ
ସୂତ୍ର ସମୂହରେ ପ୍ରସ୍ତୁତ ଝାଲରେ
ସେ ମଣି ହୋଇଛି ଯୁକ୍ତ
ପ୍ରିୟ ଆଲିଙ୍ଗନେ କ୍ଲାନ୍ତ ଅଙ୍ଗ ହରେ
ପୀଡା ସମ୍ଭୋଗ ଜନିତ ॥

Digitized by PPRACHIN, SOA

ശ ॥ ୮ ॥ ഩ

ଅକ୍ଷୟାନ୍ତର୍ଭବନ–ନିଧୟଃ ପ୍ରତ୍ୟହ ରକ୍ତ–କଣ୍ଠୈ–
ରୁଦ୍‌ଗାୟଦ୍ଭିର୍ଧନପତିଯଶଃ କିନ୍ନରୈର୍ଯତ୍ର ସାର୍ଧମ୍ ।
ବୈଭ୍ରାଜାଖ୍ୟଂ ବିବୁଧବନିତାବାରମୁଖ୍ୟାସହାୟା
ବଦ୍ଧାଳାପା ବହିରୂପବନଂ କାମିନୋ ନିର୍ବିଶନ୍ତି ॥

ସେ ଅଳକାପୁରେ ରଖିଛନ୍ତି ଘରେ
ଅପାର ଧନ ସମ୍ପତ୍ତି
ସ୍ୱଭାବେ କାମୁକ ହେତୁ ଅପ୍ସରାଙ୍କ
ସହ କରିଥାନ୍ତି ପ୍ରୀତି
ମିଳି ଅପ୍ସରାଙ୍କ ସହ ସେ କାମୁକ
ଗାଇ ଧନପତି କୀର୍ତ୍ତି
ବୈଭ୍ରାଜ୍ୟ ଉଦ୍ୟାନେ ପ୍ରମୋଦ କରନ୍ତି
କିନ୍ନରଙ୍କୁ କରି ସାଥୀ ॥

Digitized by PPRACHIN, SOA

ഗ ॥ ୯ ॥ ൠ

**ଗତ୍ୟୁତ୍କମ୍ପାଦଳକ–ପତିତୈର୍ଯତ୍ର ମନ୍ଦାର–ପୁଷ୍ପୈଃ**
**ପତ୍ରଚ୍ଛେଦୈଃ କନକକମଳୈଃ କର୍ଣ୍ଣବିଭ୍ରଂଶିଭିଶ୍ଚ ।**
**ମୁକ୍ତାଜାଲୈଃ ସ୍ତନପରିସରଚ୍ଛିନ୍ନସୂତ୍ରୈଶ୍ଚ ହାରୈ–**
**ର୍ନୈଶୋ ମାର୍ଗଃ ସବିତୁରୁଦୟେ ସୂଚ୍ୟତେ କାମିନୀନାମ୍ ॥**

ସେ ଅଳକାପୁରେ ନାରୀ ଅଭିସାରେ
ନିଶିଥେ ଗମନ କାଳେ
ଗମନ ଜନିତ କମ୍ପନେ ପତିତ
କୁନ୍ତଳୁ ମନ୍ଦାର ତଳେ
ମନ୍ଦାର ସୁମନ ସହ ପତ୍ରମାନ
କର୍ଣ୍ଣରୁ ସ୍ୱର୍ଣ୍ଣ କମଳ
କୁନ୍ତଳରୁ ଗଳି ପଡେ ମୋତି ମାଳି
ଗଳାରୁ ମୋତିର ମାଳ
ଛିନ୍ନ ମୋତିମାଳ ସ୍ତନଯୁଗସ୍ଥଳ
କରୁଥାଏ ଆଲୋକିତ
ସତେକି ନିଶିଥେ ସୂର୍ଯ୍ୟୋଦୟ ପଥେ
ପ୍ରାୟ ହୁଏ ପ୍ରତିଭାତ ॥

Digitized by PPRACHIN, SOA

॥ ୧୦ ॥

ମତ୍ୱା ଦେବଂ ଧନପତିସଖଂ ଯତ୍ର ସାକ୍ଷାଦ୍ୱସନ୍ତଂ
ପ୍ରାୟଶ୍ଚାପଂ ନ ବହତି ଭୟାନ୍ମନ୍ମଥଃ ଷଟ୍ପଦଜ୍ୟମ୍ ।
ସଭ୍ରୂଭଙ୍ଗପ୍ରହିତ-ନୟନୈଃ କାମିଲକ୍ଷ୍ୟେଷ୍ୱମୋଘୈ-
ସ୍ତସ୍ୟାରମ୍ଭଶ୍ଚତୁର-ବନିତା-ବିଭ୍ରମୈରେବ ସିଦ୍ଧଃ ॥

ସେ ଅଳକାପୁରେ ଶଙ୍କର ରୂପରେ
କୁବେର ବାସ କରନ୍ତି
ଜାଣି ତା ମନ୍ମଥ ଅଳିଗୁଣ ଯୁକ୍ତ
ପୁଷ୍ପଧନୁ ତ୍ୟାଗିଛନ୍ତି
ଭ୍ରୁଭଙ୍ଗୀ ନିପୁଣା ଚତୁରୀ ଲଳନା
ଅବ୍ୟର୍ଥ କଟାକ୍ଷ ମାରି
କନ୍ଦର୍ପଙ୍କ ଲକ୍ଷ୍ୟ କରିଥାନ୍ତି ପୂର୍ଣ୍ଣ
କାମୁକଙ୍କୁ କାମେ ଘାରି ॥

Digitized by PPRACHIN, SOA

ൟ ॥ ୧୧ ॥ ൟ

ବାସଶ୍ଚିତ୍ରଂ ମଧୁ ନୟନୟୋର୍ବିଭ୍ରମାଦେଶଦକ୍ଷଂ
ପୁଷ୍ପୋଦ୍ଭେଦଂ ସହ କିଶଳୟୈର୍ଭୂଷଣାନାଂ ବିକଳ୍ପାନ୍ ।
ଲାକ୍ଷାରାଗଂ ଚରଣକମଳନ୍ୟାସଯୋଗ୍ୟଂ ଚ ଯସ୍ୟା–
ମେକଃ ସୂତେ ସକଳମବଳାମଣ୍ଡନଂ କଳ୍ପବୃକ୍ଷଃ ॥

ପଲ୍ଲବ ନବୀନ ସହ ପୁଷ୍ପମାନ
ଭିନ୍ନ ବର୍ଣ୍ଣର ବସନ
ନୟନ ବିଳାଶୀ ମଦିରା ସହିତ
ନାନା ଆଭୂଷଣମାନ
ଚରଣ କମଳ ପାଇଁ ଅନୁକୂଳ
ଲାକ୍ଷା, ନାରୀ–ପ୍ରସାଧନୀ
ଅଳକାରେ ସ୍ଥିତ କଳ୍ପ ବୃକ୍ଷ ଏକ
ଦେଇଥାଏ ମନ ଜାଣି ॥

Digitized by PPRACHIN, SOA

ଓ ॥ ୧୨ ॥ ଓ

**ତତ୍ରାଗାରଂ ଧନପତିଗୃହାନୁତ୍ତରେଣାସ୍ମଦୀୟଂ**
**ଦୂରାଲକ୍ଷ୍ୟ ସୁରପତି ଧନୁ–ଶ୍ଚାରୁଣା ତୋରଣେନ ।**
**ଯସ୍ୟୋପାନ୍ତେ କୃତକତନୟଃ କାନ୍ତୟା ବର୍ଦ୍ଧିତୋ ମେ**
**ହସ୍ତପ୍ରାପ୍ୟସ୍ତବକନମିତୋ ବାଳ ମନ୍ଦାର ବୃକ୍ଷଃ ॥**

ହେ ମେଘ ! ଅଳକା– ପୁରେ ଧନପତି
ଭବନ ଉତ୍ତର ଦିଗେ
ଇନ୍ଦ୍ରଧନୁ ପ୍ରାୟ ବାହାର ତୋରଣ
ଶୋଭେ ଯେଉଁ ଘର ଆଗେ
ସେହି ଗୃହ ମୋର ଦ୍ୱାର ସମୀପରେ
ମନ୍ଦାର ବୃକ୍ଷ ରୋପିତ
ମୋ ପ୍ରିୟା ପାଳିତ ପୁତ୍ର ସେହି ବୃକ୍ଷ
ସ୍ତବକ ତା ଅବନତ ॥

Digitized by PPRACHIN, SOA

∽ ॥ ୧୩ ॥ ∾

**ବାପୀ ଚାସ୍ମିନ୍ ମରକତ–ଶିଳା–ବଦ୍ଧ–ସୋପାନ–ମାର୍ଗା**
**ହେମୈଶ୍ଛନ୍ନା ବିକଚକମଳୈଃ ସ୍ନିଗ୍ଧବୈଦୂର୍ଯ–ନାଳୈଃ ।**
**ଯସ୍ୟାସ୍ତୋୟେ କୃତ–ବସତୟୋ ମାନସଂ ସନ୍ନିକୃଷ୍ଟଂ**
**ନାଧ୍ୟାସନ୍ତି ବ୍ୟପଗତଶୁଚସ୍ତ୍ୱାମପି ପ୍ରେକ୍ଷ୍ୟ ହଂସାଃ ॥**

ମରକତମଣି ଶିଳାରେ ନିର୍ମିତ
ମୋ ଘର ସୋପାନ ଶ୍ରେଣୀ
ନାଳମାନଙ୍କରେ ଖଚିତ ହୋଇଛି
ସ୍ନିଗ୍ଧ ବଇଦୂର୍ଯ୍ୟ ମଣି
ସ୍ୱର୍ଣ୍ଣ କମଳରେ ଆଚ୍ଛନ୍ନ ଦୀର୍ଘିକା
ରହୁଛନ୍ତି ହଂସଗଣ
ତୁମକୁ ଦେଖି ବି ମାନସରୋବର
କରିବେ ନାହିଁ ସ୍ମରଣ ॥

Digitized by PPRACHIN, SOA

॥ ୧୪ ॥

ତସ୍ୟାସ୍ତୀରେ ରଚିତଶିଖରଃ ପେଶଲୈରିନ୍ଦ୍ରନୀଲୈଃ
କ୍ରୀଡାଶୈଳଃ କନକକଦଳୀବେଷ୍ଟନ–ପ୍ରେକ୍ଷଣୀୟଃ ।
ମଦ୍ଗେହିନ୍ୟାଃ ପ୍ରିୟ ଇତି ସଖେ ଚେତସା କାତରେଣ
ପ୍ରେକ୍ଷ୍ୟୋପାନ୍ତସ୍ଫୁରିତତଡିତଂ ତ୍ୱାଂ ତମେବ ସ୍ମରାମି ॥

ସେ ଦୀର୍ଘିକା ତୀରେ କ୍ରୀଡାଶୈଳ ପରେ
ଶୃଙ୍ଗ ତାର ଦର୍ଶନୀୟ
ଇନ୍ଦ୍ରନୀଳ ମଣି ରତ୍ନରେ ନିର୍ମିତ
ମୋ ପ୍ରିୟାର ଅତି ପ୍ରିୟ
ସ୍ୱର୍ଣ୍ଣ ରମ୍ଭା ବୃକ୍ଷେ ପରିବେଷ୍ଟିତ ସେ
ତୁମ ବିଦ୍ୟୁତ୍ ଦୀପ୍ତି ଦେଖି
ଭୟରେ କାତର ହୋଇ ମୋ ପ୍ରିୟାକୁ
ମନେ ମନେ ହେବ ଡାକି ॥

Digitized by PPRACHIN, SOA

ও ॥ ୧୫ ॥ ও

**ରକ୍ତାଶୋକଶ୍ଚଳକିଶଳୟଃ କେସରଶ୍ଚାତ୍ର କାନ୍ତଃ**
**ପ୍ରତ୍ୟାସନ୍ନୌ କୁରବକବୃତେ-ର୍ମାଧବୀମଣ୍ଡପସ୍ୟ ।**
**ଏକ ସଖାସ୍ତବ ସହ ମୟା ବାମପାଦାଭିଳାଷୀ**
**କାଙ୍କ୍ଷତ୍ୟନ୍ୟୋ ବଦନମଦିରାଂ ଦୋହଦଚ୍ଛଦ୍ମନାସ୍ୟାଃ ॥**

ସେ କ୍ରୀଡା ପର୍ବତେ କୁରୁବକବୃତେ
ଅଛି ମାଧବୀ ମଣ୍ଡପ
ସମୀପେ ରକ୍ତ ଅଶୋକ ବୃକ୍ଷ ସହ
କାନ୍ତ ବକୁଳ ପାଦପ
ରକ୍ତାଶୋକ ଚାହେଁ ମୋ ପ୍ରିୟାର ବାମ
ପଦେ କରିବ ପ୍ରହାର
ବକୁଳ ଆକୁଳ ପାନ କରିବାକୁ
ମୁଖ ମଧୁ ମୋ ପ୍ରିୟାର ॥

Digitized by PPRACHIN, SOA

॥ ୧୬ ॥

**ତନ୍ମଧ୍ୟେ ଚ ସ୍ଫଟିକଫଳକା କାଞ୍ଚନୀ ବାସଯଷ୍ଟି-**
**ମୂଳେ ବଦ୍ଧା ମଣିଭିରନତି-ପ୍ରୌଢ-ବଂଶ-ପ୍ରକାଶୈଃ ।**
**ନାଳୈଃ ଶିଞ୍ଜାବଳୟସୁଭଗୈର୍ନର୍ତ୍ତିତଃ କାନ୍ତୟା ମେ**
**ଯାମାଧ୍ୟାସ୍ତେ ଦିବସବିଗମେ ନୀଳକଣ୍ଠ ସୁହୃଦଃ ॥**

ରକ୍ତାଶୋକ ଆଉ ବକୁଳ ବୃକ୍ଷର
ମଧ୍ୟସ୍ଥଳେ ଅବସ୍ଥିତ
ସୁବର୍ଣ୍ଣ ନିବାସ ଦଣ୍ଡ ଯାର ମୂଳେ
ହୋଇଛି ରତ୍ନ ଖଚିତ
କୋମଳ କୀଚକ କାନ୍ତି ସମ ଆଭା
ଯୁକ୍ତ ଅଟେ ସେହି ରତ୍ନ
ନିବାସ ଦଣ୍ଡର ଫଳକ ସ୍ଫଟିକ
ମଣିରେ ହୋଇଛି ପୂର୍ଣ୍ଣ
ମୋ ପ୍ରିୟା କଙ୍କଣ ଧ୍ୱନି ଆଉ ତାର
କରତାଳି ତାଳେ ତାଳେ
ନାଚେ ତୁମ ମିତ୍ର ମୟୂର ଦିବସ
ଅନ୍ତେ ବସେ ସେହି ସ୍ଥଳେ ॥

Digitized by PPRACHIN, SOA

॥ ୧୭ ॥

**ଏଭି ସାଧୋ ! ହୃଦୟନିହତୈର୍ଲକ୍ଷଣୈର୍ଲକ୍ଷୟେଥା**
**ଦ୍ୱାରୋପାନ୍ତେ ଲିଖିତବପୁଷୌ ଶଙ୍ଖପଦ୍ମୌ ଚ ଦୃଷ୍ଟ୍ୱା ।**
**କ୍ଷାମଚ୍ଛାୟଂ ଭବନମଧୁନା ମଦ୍ୱିୟୋଗେନ ନୂନଂ**
**ସୂର୍ଯାପାୟେ ନ ଖଳୁ କମଳଂ ପୁଷ୍ୟତି ସ୍ୱାମଭିଖ୍ୟାମ୍ ॥**

ପୂର୍ବୋକ୍ତ ଲକ୍ଷଣ ବ୍ୟତୀତ ଏ ଚିହ୍ନ
ଶଙ୍ଖ ଓ କମଳ ଚିତ୍ର
ମୋ ଭବନ ଦ୍ୱାରେ ଉଭୟ ପାର୍ଶ୍ୱରେ
ଦେଖିବ ଅଛି ଚିତ୍ରିତ
ମୋ ଅନୁପସ୍ଥିତି ହେତୁ କ୍ଷୀଣ କାନ୍ତି
ହୋଇଥିବ ସେ ଭବନ
ସୂର୍ଯ୍ୟାସ୍ତ ଆସନ୍ନ ହୁଅନ୍ତେ ଯେସନ
କମଳ ଦିଶେ ମଳିନ ॥

Digitized by PPRACHIN, SOA

॥ ୧୮ ॥

**ଗତ୍ୱା ସଦ୍ୟଃ କଳଭତନୁତାଂ ଶୀଘ୍ରସମ୍ପାତହେତୋଃ**
**କ୍ରୀଡାଶୈଳେ ପ୍ରଥମକଥିତେ ରମ୍ୟସାନୌ ନିଷଣ୍ଣଃ ।**
**ଅର୍ହସ୍ୟନ୍ତର୍ଭବନପତିତାଂ କର୍ତ୍ତୁମଳ୍ପାଳ୍ପଭାସଂ**
**ଖଦ୍ୟୋତାଳୀବିଳସିତନିଭାଂ ବିଦ୍ୟୁଦୁନ୍ମେଷଦୃଷ୍ଟିମ୍ ॥**

ହେ ମେଘ ! ପୂର୍ବୋକ୍ତ ଶିଖରେ ଶୋଭିତ
ସୁନ୍ଦର କ୍ରୀଡା ପର୍ବତ
ହସ୍ତୀ ସାବକରେ ହୋଇ ରୂପାନ୍ତର
ହେବ ତହିଁ ଉପଗତ
ହୋଇ ପଂକ୍ତିବଦ୍ଧ ଖଦ୍ୟୋତଙ୍କ ମନ୍ଦ
ଆଲୋକ ରେଖା ସମାନ
ବିଦ୍ୟୁତ୍ ରୂପୀ ନେତ୍ରେ ଗୃହ ଅଭ୍ୟନ୍ତର
ଶୀଘ୍ର କରିବ ଦର୍ଶନ ॥

Digitized by PPRACHIN, SOA

॥ ୧୯ ॥

ତନ୍ୱୀ ଶ୍ୟାମା ଶିଖରିଦଶନା ପକ୍ୱବିମ୍ବାଧରୋଷ୍ଠୀ
ମଧ୍ୟେକ୍ଷାମା ଚକିତହରିଣୀ–ପ୍ରେକ୍ଷଣା ନିମ୍ନନାଭିଃ ।
ଶ୍ରୋଣୀଭାରାଦଳସଗମନା ସ୍ତୋକନମ୍ରା ସ୍ତନାଭ୍ୟାଂ
ଯା ତତ୍ର ସ୍ୟାଦ୍ ଯୁବତିବିଷୟେ ସୃଷ୍ଟିରାଦ୍ୟେବ ଧାତୁଃ ॥

କୃଶାଙ୍ଗୀ ଲଳନା ତପ୍ତ–ସ୍ୱର୍ଣ୍ଣ–ବର୍ଣ୍ଣା
ନିମ୍ନନାଭି ବିମ୍ବଓଷ୍ଠୀ
ଶିଖରିଦଶନା କଟି ତାର କ୍ଷୀଣା
ଚକିତ–କୁରଙ୍ଗୀ–ଦୃଷ୍ଟି
ନିତମ୍ବ–କଳସୀ ଚାଲି ତା ଅଳସୀ
କୁଚାଗ୍ର ଅଳ୍ପ ନମିତା
ଦେଖିବ ଭବନେ ପତ୍ନୀ ମୋ ପ୍ରଥମେ
ରଚି ଅଛନ୍ତି ବିଧାତା ॥

Digitized by PPRACHIN, SOA

॥ ୨୦ ॥

ତାଂ ଜାନୀଥାଃ ପରିମିତକଥାଂ ଜୀବିତଂ ମେ ଦ୍ୱିତୀୟଂ
ଦୂରୀଭୂତେ ମୟି ସହଚରେ ଚକ୍ରବାକୀମିବୈକାମ୍ ।
ଗାଢୋତ୍କଣ୍ଠାଂ ଗୁରୁଷୁ ଦିବସେଷ୍ୱେଷୁ ଗଚ୍ଛସୁ ବାଳାଂ
ଜାତାଂ ମନ୍ୟେ ଶିଶିରମଥିତାଂ ପଦ୍ମିନୀଂ ବାନ୍ୟରୂପାମ୍ ॥

ସେ ସହଗାମିନୀ ଅଳପଭାଷିନୀ
ବିରହିଣୀ ପ୍ରିୟା ମମ
ଏକାକୀ ବିଜନେ ଉତ୍କଣ୍ଠିତ ମନେ
ରହି ଚକ୍ରବାକୀ ସମ
ଅଭିଶାପ ଗ୍ରସ୍ତ ଦୁର୍ବହ ଅତୀତ
ଦିବସକୁ ସ୍ମରି ସ୍ମରି
ତୁଷାରେ ମଳିନ ପଦ୍ମିନୀ ସମାନ
ତୁଟି ଯିବଣି ତା ଶିରୀ ॥

Digitized by PPRACHIN, SOA

ଊ ॥ ୨୧ ॥ ଊ

ନୂନଂ ତସ୍ୟାଃ ପ୍ରବଳରୁଦିତୋଚ୍ଛୁନନେତ୍ରଂ ପ୍ରିୟାୟା
ନିଃଶ୍ୱାସାନାମଶିଶିରତୟା ଭିନ୍ନବର୍ଣ୍ଣାଧରୋଷ୍ଠମ୍ ।
ହସ୍ତନ୍ୟସ୍ତଂ ମୁଖମସକଳ-ବ୍ୟକ୍ତି ଲମ୍ବାଳକତ୍ୱା-
ଦିନ୍ଦୋର୍ଦୈନ୍ୟଂ ତ୍ୱଦନୁସରଣକ୍ଲିଷ୍ଟକାନ୍ତେର୍ବିଭର୍ତି ॥

କ୍ରନ୍ଦନେ ନିରତ ଉଚ୍ଛ୍ୱସିତ ନେତ୍ର
ଉଷ୍ମ ନିଶ୍ୱାସେ ଅଧର
ଅବଶ୍ୟ ବିବର୍ଣ୍ଣ ଦିଶୁଥିବ ମ୍ଳାନ
ହୋଇବ ଦୃଷ୍ଟି ଗୋଚର
ଲମ୍ବିତ କୁନ୍ତଳ କରତଳେ ଠୁଳ
ଅର୍ଦ୍ଧାବୃତ ତା ବଦନ
ଦିଶୁଥିବ ଯେହ୍ନେ ତୁମ(ଘନ) ଆଚ୍ଛାଦନେ
ଚନ୍ଦ୍ର ଦିଶଇ ମଳିନ ॥

Digitized by PPRACHIN, SOA

॥ ୨୨ ॥

**ଆଲୋକେ ତେ ନିପତତି ପୁରା ସା ବଳିବ୍ୟାକୁଳା ବା**
**ମତସାଦୃଶ୍ୟଂ ବିରହତନୁ ବା ଭାବଗମ୍ୟଂ ଲିଖନ୍ତି ।**
**ପୃଚ୍ଛନ୍ତି ବା ମଧୁରବଚନାଂ ସାରିକାଂ ପଞ୍ଜରସ୍ଥାଂ**
**କଚ୍ଚିଦ୍ଭର୍ତ୍ତୁଃ ସ୍ମରସି ରସିକେ ! ତ୍ୱଂ ହି ତସ୍ୟ ପ୍ରିୟେତି ॥**

ହେ ମେଘ ମୋ ପ୍ରିୟା ଦେବପୂଜା କ୍ରିୟା
କରୁଥିବ ପ୍ରତିଦିନ
ଅବା ମୋର ଛବି ଆଙ୍କୁଥିବ ଭାବି
ଲଗାଇ ତା ଅନୁମାନ
ଅବା ସେ ପଞ୍ଜୁରୀ ମଧ୍ୟେ ଥିବା ସାରୀ
ନିକଟେ ପଚାରୁଥିବ
"ମନେ ତୋର ପତି ପଡୁ କି ଅଛନ୍ତି"
ତୁମ ଦୃଷ୍ଟିରେ ଆସିବ ॥

Digitized by PPRACHIN, SOA

ൊ ॥ ୨୩ ॥ ല

**ଉତ୍ସଙ୍ଗେ ବା ମଳିନବସନେ ସୌମ୍ୟ ! ନିକ୍ଷିପ୍ୟ ବୀଣାଂ**
**ମଦ୍ଗୋତ୍ରାଙ୍କଂ ବିରଚିତପଦଂ ଗେୟମୁଦ୍ଗାତୁକାମା ।**
**ତନ୍ତ୍ରୀମାର୍ଦ୍ରା ନୟନସଲିଳୈଃ ସାରୟିତ୍ୱା କଥଂଚିଦ୍**
**ଭୂୟୋ ଭୂୟଃ ସ୍ୱୟମପି କୃତାଂ ମୂର୍ଚ୍ଛନାଂ ବିସ୍ମରନ୍ତି ॥**

ମ୍ଳାନ ବସ୍ତ୍ରଭୂତା ମୋ ପ୍ରିୟା ବନିତା
ଅଙ୍କେ ରଖି ବୀଣା ଏକ
ଲୋତକେ ଆପ୍ଳୁତ ଆର୍ଦ୍ର ବୀଣା ସୂତ୍ର
କରୁଥିବ ସେ ପରଖ
ମୋ ନାମ ସଂଯୁକ୍ତ କରି ରଚି ଗୀତ
ଗାଇବାକୁ ସୁର ତୋଳି
ଗାୟନେ ଆରୋହ କ୍ରମ ଅବରୋହ
ଯାଉଥିବ ସିଏ ଭୁଲି ॥

Digitized by PPRACHIN, SOA

॥ ୨୪ ॥

**ଶେଷାନ୍ମାସାନ୍ବିରହଦିବସସ୍ଥାପିତସ୍ୟାବଧେର୍ବା**
**ବିନ୍ୟସ୍ୟନ୍ତୀ ଭୁବି ଗଣନୟା ଦେହଲୀଦତ୍ତ-ପୁଷ୍ପୈଃ ।**
**ମତ୍ସଙ୍ଗମ୍ ବା ହୃଦୟନିହିତାରମ୍ଭମାସ୍ୱାଦୟନ୍ତୀ**
**ପ୍ରାୟେଣୈତେ ରମଣବିରହେଷ୍ୱଙ୍ଗନାନାଂ ବିନୋଦାଃ ॥**

ଅବା ଅବଶେଷ ବିଚ୍ଛେଦ ଦିବସ
କେତେ ଅଛି ଗଣି ଗଣି
ପ୍ରାଚୀରେ ସଜ୍ଜିତ ପୁଷ୍ପ ଭୂମି ପୃଷ୍ଠେ
ଗଣି ରଖୁଥିବ ଆଣି
ଅବା କଳପନା କରି ସେ ଲଳନା
ପୂର୍ବ ସମ୍ଭୋଗର ସୁଖ
କାଟୁଥିବ କାଳ ବିରହେ ବ୍ୟାକୁଳ
ଦେଖିବ ତୁମେ ତା ମୁଖ ॥

Digitized by PPRACHIN, SOA

॥ ୨୫ ॥

ସବ୍ୟାପାରାମହନି ନ ତଥା ପୀଡୟେନ୍ମଦ୍ୱିୟୋଗଃ
ଶଙ୍କେ ରାତ୍ରୌ ଗୁରୁତରଶୁଚଂ ନିର୍ବିନୋଦାଂ ସଖୀଂ ତେ ।
ମତ୍ସନ୍ଦେଶୈଃ ସୁଖୟିତୁମଳଂ ପଶ୍ୟ ସାଧ୍ୱୀଂ ନିଶୀଥେ
ତାମୁନ୍ନିଦ୍ରାମବନିଶୟନାଂ ସୌଧବାତାୟନସ୍ଥଃ ॥

ଦେବଙ୍କ ପୂଜନ ଆଦି ଚିତ୍ରାଙ୍କନ
କାର୍ଯ୍ୟରେ ରହିଣ ରତ
ମୋ ବିଚ୍ଛେଦ ଦୁଃଖ ମାତ୍ରାରେ ଅଧିକ
କରୁ ନଥିବ ଦୁଃଖିତ
ପ୍ରିୟା ପତିବ୍ରତା ସାଧ୍ୱୀ ସୁଚରିତା
ରାତ୍ରେ ଭୂମି ପର ଶୋଇ
ବିନୋଦ ବିହୀନ ଯାମିନୀ ଯାପନ
କରୁଥିବ ଦୁଃଖେ ରହି
ଶୁଣ ଆହେ ଘନ ତୁମେ ମୋ ଭବନ
ବାତାୟନ ପାଶେ ରହି
ଦେଇ ମୋ ସନ୍ଦେଶ କରିବ ହରଷ
ପ୍ରିୟା ମୋ ପଡିବ ଶୋଇ ॥

Digitized by PPRACHIN, SOA

ෆ ।। ୨୬ ।। ര

ଆଧିକ୍ଷାମାଂ ବିରହଶୟେନେ ସନ୍ନିଷଣ୍ଣୈକପାର୍ଶ୍ୱାଂ
ପ୍ରାଚୀମୂଳେ ତନୁମିବ କଳାମାତ୍ରଶେଷାଂ ହିମାଂଶୋଃ ।
ନୀତା ରାତ୍ରିଃ କ୍ଷଣ ଇବ ମୟା ସାର୍ଧମିଚ୍ଛାରତୈର୍ଯା
ତାମେବୋଷ୍ଣୈର୍ବିରହମହତୀମଶ୍ରୁଭିର୍ଯାପୟନ୍ତୀମ୍ ।।

ବିଚ୍ଛେଦ ଜନିତ ଦୁଃଖରେ ବ୍ୟଥିତ
ବିରହରେ ହୋଇ ଘାରି
ହୋଇଥିବ କ୍ଷୀଣ ତାର ଅପଘନ
କଳାଏ ଚନ୍ଦ୍ରମା ପରି
ଇଚ୍ଛାକୃତ ରତି କ୍ରୀଡାରେ ସେ ରାତ୍ରି
ମଣୁଥିଲା ଏକ କ୍ଷଣ
ଏବେ ତା ଦେଖିବ ନେତ୍ର ହୋଇଥିବ
ଉଷ୍ଣ ଅଶ୍ରୁ ପ୍ରସବଣ ।।

Digitized by PPRACHIN, SOA

॥ ୨୭ ॥

ପାଦାନିନ୍ଦୋରମୃତଶିଶିରାଞ୍ଜାଲମାର୍ଗପ୍ରବିଷ୍ଟାନ୍
ପୂର୍ବପ୍ରୀତ୍ୟା ଗତମଭିମୁଖଂ ସଂନିବୃତଂ ତଥୈବ ।
ଚକ୍ଷୁଃ ଖେଦାତ୍ ସଲିଳଗୁରୁଭିଃ ପକ୍ଷ୍ମଭିଶ୍ଛାଦୟନ୍ତିଂ
ସାଭ୍ରେହ୍ନୀବ ସ୍ଥଳକମଳିନୀ ନ ପ୍ରବୁଦ୍ଧାଂ ନ ସୁପ୍ତାମ୍ ॥

ଶୁଣ ଆହେ ଘନ ଅମୃତ ସମାନ
ଶୀତଳ ଚନ୍ଦ୍ର କିରଣ
ଗବାକ୍ଷ ଫାଙ୍କରେ ମୋ ଗୃହ ଭିତରେ
କରୁଥିବ ବିଚରଣ
ପୂର୍ବ ପ୍ରୀତି ପାଇଁ ଚନ୍ଦ୍ରିକାରେ ଚାହିଁ
ଦୁଃଖେ ଫେରାଇ ନୟନ
ଜ୍ୟୋସ୍ନା-ଭିଜା ରାତି ପତି ସହ ରତି
କଥା ଭାବୁଥିବ ଜାଣ
ଲୋତକେ ଆପ୍ଲୁତ ଭାରି ନେତ୍ରପତ୍ର
ମୁଦୁଥିବ ପ୍ରିୟା ମମ
ଦିଶୁଥିବ ଯେହ୍ନେ ଘନ ଆଛାଦନେ
ଦର ବିକଶିତ ପଦ୍ମ ॥

Digitized by PPRACHIN, SOA

॥ ୨୮ ॥

**ନିଃଶ୍ୱାସେନାଧରକିଶଳୟକ୍ଲେଶିନା ବିକ୍ଷିପନ୍ତିଂ**
**ଶୁଦ୍ଧସ୍ନାନାତ୍ପୃରୁଷମଳକଂ ନୂନମାଗଣ୍ଡଲମ୍ବମ୍ ।**
**ମତ୍ସଂଭୋଗଃ କଥମୁପନୟେ–ସ୍ୱପ୍ନଜୋପୀତି ନିଦ୍ରା–**
**ମାକାଙ୍କ୍ଷନ୍ତୀଂ ନୟନସଲିଳୋ–ତ୍ପୀଡରୁଦ୍ଧାବକାଶାମ୍ ॥**

ବିନା ତୈଳେ ସ୍ନାନ କାରଣରୁ ମ୍ଳାନ
ଆଗଣ୍ଡ ଦୀର୍ଘ ଅଳକ
ଉଷ୍ମ ନିଶ୍ୱାସରେ ଉଡେ ମୁଖପରେ
ଅଧରେ କଷ୍ଟ ଦାୟକ
ନବ କିଶଳୟ ସମ ସେ କୋମଳ
ରକ୍ତିମ–କାନ୍ତି ଅଧର
ଉଷ୍ମତାରେ ରୁକ୍ଷ ହୋଇ କେତେ ଦୁଃଖ
ପାଉଥିବ ପ୍ରିୟା ମୋର
ସ୍ୱପ୍ନରେ ସମ୍ଭୋଗ ସୁଖ ଉପଭୋଗ
ଲଭିବାକୁ ଇଚ୍ଛା କରି
ମୁଦି ବେନି ନେତ୍ର ଲୋତକେ ବାଧିତ
ନିଦ୍ରାକୁ ସେ ହେବ ଝୁରି ॥

Digitized by PPRACHIN, SOA

∽ ॥ ୨୯ ॥ ∾

**ଆଦ୍ୟେ ବଦ୍ଧା ବିରହଦିବସେ ଯା ଶିଖାଦାମ ହିତ୍ୱା**
**ଶାପସ୍ୟାନ୍ତେ ବିଗଳିତଶୁଚା ତାଂ ମୟୋଦ୍ୱେଷ୍ଟନୀୟାମ୍ ।**
**ସ୍ପର୍ଶକ୍ଲିଷ୍ଟାମୟମିତନଖେନାସକୃତ୍ ସାରୟନ୍ତିଂ**
**ଗଣ୍ଡାଭୋଗାତ୍‌କଠିନବିଷମାମେକବେଣୀଂ କରେଣ ॥**

ବିନା ପୁଷ୍ପେ ବେଣୀ ବାନ୍ଧି ସେ ମାନିନୀ
ବିଚ୍ଛେଦ ପ୍ରଥମେ ଦିନେ
ଥିବ ସେ ଅନାଇଁ ଶାପ ମୁକ୍ତ ହୋଇ
ଖୋଲିବି ବେଣୀ ତକ୍ଷଣେ
ହସ୍ତୁ ନଖମାନ ନକରି କର୍ତ୍ତନ
ବେଣୀକୁ ସେ ବାରମ୍ବାର
ଗଣ୍ଡଦେଶୁ ତାର କରୁଥିବ ଦୂର
ହୋଇବ ଦୃଷ୍ଟି ଗୋଚର ॥



Digitized by PPRACHIN, SOA

॥ ୩୦ ॥

ସା  ସଂନ୍ୟସ୍ତାଭରଣମବଳା  ପେଶଳଂଧାରୟନ୍ତି
ଶଯ୍ୟୋତ୍ସଙ୍ଗେ ନିହିତମମ୍ବକୃଦ୍ ଦୁଃଖଦୁଃଖେନ ଗାତ୍ରମ୍ ।
ତ୍ୱାମପ୍ୟସ୍ରଂ  ନବଜଳମୟଂ  ମୋଚୟିଷ୍ୟତ୍ୟବଶ୍ୟଂ
ପ୍ରାୟଃ  ସର୍ବୋ  ଭବତି  କରୁଣାବୃତ୍ତିରାର୍ଦ୍ରାନ୍ତରାତ୍ମା ॥

କୃଶାଙ୍ଗୀ ମୋ ପ୍ରିୟା    କୋମଳ ତା କାୟା
ହୋଇ ଆଭୂଷଣ ଶୂନ୍ୟ
ଶଯ୍ୟା ପରେ ରହି    ବହୁ କଷ୍ଟ ସହି
କାଟୁଥିବ ସିଏ ଦିନ
ଦେଖି ତା ବିକଳ    ହୋଇବ ଅଶ୍ରୁଳ
ନେତ୍ର ତୁମ ନବ ଜଳେ
ସ୍ୱଭାବେ କରୁଣ    ହୁଏ ଦୁଃଖୀ ମନ
ଅନ୍ୟ ଦୁଃଖ ଦେଖି ଦେଲେ ॥

Digitized by PPRACHIN, SOA

॥ ୩୧ ॥

**ଜାନେ ସଖ୍ୟାସ୍ତବ ମନଃ ମୟି ସମ୍ଭୃତସ୍ନେହମସ୍ମା–**
**ଦିତ୍ଥଂଭୂତାଂ ପ୍ରଥମବିରହେ ତ୍ୱାମହଂ ତର୍କୟାମି ।**
**ବାଚାଳଂ ମାଂ ନ ଖଳୁ ସୁଭଗଂମନ୍ୟଭାବଃ କରୋତି**
**ପ୍ରତ୍ୟକ୍ଷଂ ତେ ନିଖିଳମଚିରାଦ୍–ଭ୍ରାତରୁକ୍ତଂ ମୟା ଯତ୍ ॥**

ମୋ ପ୍ରିୟାର ମନ ଅନୁରାଗେ ପୂର୍ଣ୍ଣ
ଜାଣେ ମୋ ହୃଦୟ ମନ
ବିଚ୍ଛେଦ ଜନିତ ତା ଅବସ୍ଥା ବ୍ୟକ୍ତ
କରିଛି ଯା ଅନୁମାନ
ନୁହେଁ ମୁଁ ବାଚାଳ ଅଛି ଆତ୍ମବଳ
ଅଛି ଆତ୍ମ ଅଭିମାନ
ଦେଖିବ ନୟନେ ତାର ଦଶା ହୀନ
କରିଛି ଯାହା ବର୍ଣ୍ଣନ ॥

Digitized by PPRACHIN, SOA

॥ ୩୨ ॥

ରୁଦ୍ଧାପାଙ୍ଗପ୍ରସରମଳକୈରଞ୍ଜନସ୍ନେହଶୂନ୍ୟଂ
ପ୍ରତ୍ୟାଦେଶାଦପି ଚ ମଧୁନୋ ବିସ୍ମୃତଭ୍ରୂ ବିଳାସମ୍ ।
ତ୍ୱୟାସନ୍ନେ ନୟନମୁପରିସ୍ପନ୍ଦି ଶଙ୍କେ ମୃଗାକ୍ଷ୍ୟା
ମୀନକ୍ଷୋଭାଚ୍ଚଳକୁବଳୟଶ୍ରୀତୁଳାମେଷ୍ୟତୀତି ॥

କଟାକ୍ଷ ରହିତ ମୋ ପ୍ରିୟାର ନେତ୍ର
ଆବଦ୍ଧ ଚୂର୍ଣ୍ଣ କୁନ୍ତଳେ
କଜ୍ଜଳ ବିହୀନ ତା ଦୁଇ ନୟନ
ଆର୍ଦ୍ର ଥିବ ଅଶ୍ରୁଜଳେ
ବିଚ୍ଛେଦ ବିରହ ଅତ୍ୟନ୍ତ ଅସହ୍ୟ
ତେଜି ମଦିରା ସେବନ
ଭୃକୁଞ୍ଚନ କ୍ରିୟା ବିସ୍ମୃତ ମୋ ପ୍ରିୟା
ହୋଇଥିବ ଅନୁମାନ
ତୁମେ ସନ୍ନିକଟ ହୁଅନ୍ତେ ସ୍ପନ୍ଦିତ
ହେବ ତା ଭୃଲତା ଠାଣି
ଶୋଭିବ ସେ ଯେହ୍ନେ ମୀନ ସଂଚଳନେ
ଜଳେ ଦୋଳିତ ପଦ୍ମିନୀ ॥



Digitized by PPRACHIN, SOA

॥ ୩୩ ॥

ବାମାଶ୍ଚାସ୍ୟାଃ କରରୁହପଦୈ-ର୍ମୁଚ୍ୟମାନୋ ମଦୀୟୈ
ର୍ମୁକ୍ତାଜାଲଂ ଚିରପରିଚିତଂ ତ୍ୟାଜିତୋ ଦୈବଗତ୍ୟା ।
ସମ୍ଭୋଗାନ୍ତେ ମମ ସମୁଚିତୋ ହସ୍ତସଂବାହନାନାଂ
ଯାସ୍ୟତ୍ୟୂରୁଃ ସରସକଦଳୀସ୍ତମ୍ଭୋଗୌରଶ୍ଚଳତ୍ୱମ୍ ॥

ଯେବେ ତା ନିକଟ ହୋଇବ ପ୍ରକଟ
ଦେଖିବ ପ୍ରିୟାକୁ ମୋର
ନଖ ଚିହ୍ନ ଶୂନ୍ୟ କିଙ୍କିଣି ବିହୀନ
ହୋଇବ ଦୃଷ୍ଟି ଗୋଚର
ସମ୍ଭୋଗ ସମାପ୍ତ ହୁଅନ୍ତେ ମୋ ହସ୍ତ-
ମର୍ଦ୍ଦନ-ଯୋଗ୍ୟ ତା ଉରୁ
ଲଭିବ ସ୍ପନ୍ଦନ କାନ୍ତି ଗୌର ବର୍ଣ୍ଣ
ରସପୂର୍ଣ୍ଣ ରମ୍ଭା ତରୁ ॥

Digitized by PPRACHIN, SOA

॥ ୩୪ ॥

**ତସ୍ମିନ୍ କାଳେ ଜଳଦ ! ଯଦି ସା ଲବ୍ଧନିଦ୍ରାସୁଖା ସ୍ୟା–**
**ଦନ୍ୱାସ୍ୟୈନାଂ ସ୍ତନିତବିମୁଖୋ ଯାମମାତ୍ରଂ ସହସ୍ୱ ।**
**ମା ଭୂଦସ୍ୟାଃ ପ୍ରଣୟିନୀ ମୟି ସ୍ୱପ୍ନଲବ୍ଧେ କଥଞ୍ଚିତ୍**
**ସଦ୍ୟଃକଣ୍ଠଚ୍ୟୁତଭୁଜଲତାଗ୍ରନ୍ଥି ଗାଢୋପଗୂଢମ୍ ॥**

ହେ ବନ୍ଧୁ ଜଳଦ ମୋର ଅନୁରୋଧ
ରଖିବ ମନେ ତୁମର
ତୁମ ଉପଗତ ସମୟେ ନିଦ୍ରିତ
ଥିବ ଯଦି ପ୍ରିୟା ମୋର
ବିନା ଗରଜନେ ରହିବ ମଉନେ
ମାତ୍ର ଗୋଟିଏ ପ୍ରହର
ନିଦ୍ରାରେ ସପନେ ମୋ ବାହୁ ବନ୍ଧନେ
ରହିଥିବ ପ୍ରିୟା ମୋର
ତା ଭୁଜ ଆଶ୍ଲେଷ ମୋର କଣ୍ଠ ଦେଶ
ଲତା ପ୍ରାୟ ଥିବ ଛନ୍ଦି
ତୁମେ କଲେ ଶବ୍ଦ ଭଗ୍ନ ହେବ ନିଦ
ପାରିବନି ରଖି ବାନ୍ଧି ॥

Digitized by PPRACHIN, SOA

॥ ୩୫ ॥

ତାମୁତ୍ଥାପ୍ୟ ସ୍ୱଜଳକଣିକାଶୀତଳେନାନିଳେନ
ପ୍ରତ୍ୟାଶ୍ୱସ୍ତାଂ ସମମଭିନବୈର୍ଜାଲକୈର୍ମାଲତୀନାମ୍ ।
ବିଦ୍ୟୁଦ୍ଗର୍ଭଃ ସ୍ତିମିତନୟନାଂ ତ୍ୱତ୍ସନାଥେ ଗବାକ୍ଷେ
ବକ୍ତୁଂ ଧୀରଃ ସ୍ତନିତବଚନୈର୍ମାନିନୀଂ ପ୍ରକ୍ରମେଥାଃ ॥

ନବୀନ ଚମେଲି କଳି ସହ ମିଳି
ସୁଷ୍ଠିତ କରି ନିଜକୁ
ସ୍ୱ ଜଳ ବିନ୍ଦୁରେ ଶୀତଳ ସମୀରେ
ଜଗାଇବ ମୋ ପ୍ରିୟାକୁ
ତୁମ ଆଚ୍ଛାଦିତ ବାତାୟନ ପଥ
ଚାହିଁବ ପ୍ରିୟା ମାନିନୀ
ତୁମେ ବିଦ୍ୟୁଦ୍‌-ଗର୍ଭ ଦେଖି ଆରମ୍ଭିବ
ଗରଜନ ରୂପୀ ବାଣୀ ॥

Digitized by PPRACHIN, SOA

॥ ୩୬ ॥

ଭର୍ତୁର୍ମିତ୍ରଂ ପ୍ରିୟମବିଧବେ ! ବିଦ୍ଧି ମାମମ୍ବୁବାହଂ
ତତ୍ସଂଦେଶୈର୍ହୃଦୟନିହିତୈରାଗତଂ ତ୍ୱତ୍ସମୀପମ୍ ।
ଯୋ ବୃନ୍ଦାନି ତ୍ୱରୟତି ପଥି ଶ୍ରାମ୍ୟତାଂ ପ୍ରୋଷିତାନାଂ
ମନ୍ଦ୍ରସ୍ନିଗ୍ଧୈର୍ଧ୍ୱନିଭିରବଳାବେଣିମୋକ୍ଷୋତ୍ସୁକାନି ॥

ଶୁଣି ମୋ ଗର୍ଜନ ପ୍ରିୟତମ ମନ
ପ୍ରବାସେ ହୁଏ ଉଚ୍ଛନ୍ନ
ଫେରିଣ ସେ ଘର ମାନିନୀ ପ୍ରିୟାର
ଖୋଲିବ ବେଣୀ ବନ୍ଧନ
ଆଗୋ ସୁହାସିନୀ ଆସିଛି ମୁଁ ଘେନି
ସନ୍ଦେଶ ତୁମ ପ୍ରିୟର
ମୋ ନାମ ଜଳଦ ପତିଙ୍କ ସହୃଦ
ଜାଣିବ ହେ ସଖୀ ମୋର ॥

Digitized by PPRACHIN, SOA

## ଓ ।। ୩୭ ।। ଓ

**ଇତ୍ୟାଖ୍ୟାତେ ପବନତନୟଂ ମୈଥିଲୀବୋନ୍ମୁଖୀ ସା**
**ତ୍ୱାମୁତ୍କଣ୍ଠୋଚ୍ଛ୍ୱସିତହୃଦୟା ବୀକ୍ଷ୍ୟ ସଂଭାଷ୍ୟ ଚୈବ ।**
**ଶ୍ରୋଷ୍ୟତ୍ୟସ୍ମାତ୍ପରମବିହିତା ସୌମ୍ୟ ! ସୀମନ୍ତିନୀନାଂ**
**କାନ୍ତୋଦାନ୍ତଃ ସୁହୃଦୁପଗତଃ ସଂଗମାତ୍କିଞ୍ଚିଦୂନଃ ।।**

ଏପରି ଖବର ଶୁଣି ପ୍ରିୟା ମୋର
ଊର୍ଦ୍ଧ୍ୱକୁ କରି ଆନନ
ଦେଖିବ ତୁମକୁ ଯେହ୍ନେ ମାରୁତିଙ୍କୁ
ଦେଖିଥିଲେ ସୀତା ଜାଣ
ଉତ୍ସୁକ ନୟନେ ପ୍ରଫୁଲ୍ଲିତ ମନେ
ତୁମର ସତ୍କାର କରି
ହୋଇ ସାବଧାନ ଦେଇ ଚିତ୍ତ ମନ
ଶୁଣିବ ଶ୍ରବଣ ଡେରି
ମିତ୍ରଙ୍କ ଆନୀତ ପ୍ରିୟଙ୍କ ବୃତ୍ତାନ୍ତ
ସ୍ତ୍ରୀ ମାନଙ୍କ ନିମିତ୍ତ
ପ୍ରିୟର ସଂଯୋଗ ସୁଖ ଉପଭୋଗ
ଠାରୁ ଊଣା ସେ କିଞ୍ଚିତ ।।

Digitized by PPRACHIN, SOA

॥ ୩୮ ॥

**ତାମାୟୁଷ୍ମନ୍ମମ ଚ ବଚନାଦାତ୍ମନଶ୍ଚୋପକର୍ତ୍ତୁଂ**
**ବୃୟା ଏବଂ ତବ ସହଚରୋ ରାମଗିର୍ଯ୍ୟାଶ୍ରମସ୍ଥଂ ।**
**ଅବ୍ୟାପନ୍ନଃ କୁଶଳମବଳେ ! ପୃଚ୍ଛତି ତ୍ୱାଂବିଯୁକ୍ତଃ**
**ପୂର୍ବାଭାଷ୍ୟଂ ସୁଲଭବିପଦାଂ ପ୍ରାଣିନାମେତଦେବ ॥**

ଶୁଣ ଆୟୁଷ୍ମାନ ମୋର ନିବେଦନ
କୃଶାଙ୍ଗୀ ପ୍ରିୟାକୁ ମୋର
ସମ୍ବୋଧି କହିବ ଶୁଣ ପ୍ରିୟ ତୁମ
ପଠାଇଛନ୍ତି ଖବର
ଅଛନ୍ତି କୁଶଳେ ରାମଗିରି ଶୈଳେ
ଆଶ୍ରମେ ବିଚ୍ଛେଦ ପରେ
ତୁମର କୁଶଳ ସମସ୍ତ ମଙ୍ଗଳ
ଜାଣିବାକୁ ଇଚ୍ଛା କରେ
ସୁଲଭ ବିପତ୍ତି ହୁଏ ଯାର ସାଥୀ ଥାଏ
ତା ମନ ଅସ୍ଥିର
ପଚାରି କୁଶଳ ବୁଝିଲେ ଆକୁଳ
ଭାବ ହୋଇଥାଏ ଦୂର ॥

Digitized by PPRACHIN, SOA

॥ ୩୯ ॥

**ଅଙ୍ଗେନାଙ୍ଗେ ପ୍ରତନୁ ତନୁନା ଗାଢତପ୍ତେନ ତପ୍ତଂ**
**ସାସ୍ରେଣାସ୍ରଦ୍ରୁତମବିରତୋତ୍କଣ୍ଠମୁତ୍କଣ୍ଠିତେନା ।**
**ଉଷ୍ଣୋଚ୍ଛ୍ୱାସଂ ସମଧିକତରୋଚ୍ଛ୍ୱାସିନା ଦୂରବର୍ତ୍ତୀ**
**ସଂକଳ୍ପୈସ୍ତୈର୍ବିଶତି ବିଧିନା ବୈରିଣା ରୁଦ୍ଧମାର୍ଗଃ ॥**

ଶୁଣ ହେ ସୁନ୍ଦରୀ ବିଧାତା ବଇରୀ
ପ୍ରିୟ ତୁମ ଦୂର ଦେଶେ
ବେଦନାରେ ସିକ୍ତ ଦୁର୍ବଳ ସନ୍ତପ୍ତ
ଅଶ୍ରୁଳ ନେତ୍ର ଉଚ୍ଛ୍ୱାସେ
ତୁମେ ବି ଦୁର୍ବଳ ନୟନ ଅଶ୍ରୁଳ
ସନ୍ତପ୍ତ ବେଦନା ସିକ୍ତ
ଉତ୍କଣ୍ଠା ଉଚ୍ଛ୍ୱାସେ ଭରି ଦୀର୍ଘଶ୍ୱାସ
ଉଷ୍ମ ଲୋତକେ ଆପ୍ଲୁତ
ପୂର୍ବ ଅନୁଭୂତ ଦୃଢ଼ ମନୋରଥ
ମାଧମେ ତୁମର ପତି
ତୁମ ଅବୟବେ ପ୍ରବେଶ କରିବେ
ଶୁଣ ଆହେ ବନ୍ଧୁ ପତ୍ନୀ ॥



Digitized by PPRACHIN, SOA

ଓ ॥ ୪୦ ॥ ଓ

**ଶବ୍ଦାଖ୍ୟେୟଂ ଯଦପି କିଲ ତେ ଯଃ ସଖୀନାଂ ପୁରସ୍ତାତ୍**
**କର୍ଣ୍ଣେ ଲୋଳଃ କଥୟିତୁମଭୂଦାନନସ୍ପର୍ଶଲୋଭାତ୍ ।**
**ସୋତିକ୍ରାନ୍ତଃ ଶ୍ରବଣବିଷୟଂ ଲୋଚନାଭ୍ୟାମଦୃଶ୍ୟ**
**ସ୍ତ୍ୱାମୁତ୍କଣ୍ଠାବିରଚିତପଦଂ ମନ୍ମୁଖେନେଦମାହ ॥**

ଶୁଣ ଆହେ ଗୋରୀ ତୁମ ସହଚରୀ
ମେଳେ ଯେଉଁ କଥାମାନ
ଅତି ସ୍ପଷ୍ଟ ସ୍ୱରେ ବିନା ସଂକୋଚରେ
କହି ପାରିଥାନ୍ତେ ଜାଣ
ସେହି କଥା ତୁମ ଅତି ପ୍ରିୟତମ
ମୁଖ ନେଇ କର୍ଣ୍ଣ ପାଶ
କହିବା ବାହାନା ଅଭିନୟ ସିନା
ଦିଅନ୍ତି ଚୁମ୍ବନ ସ୍ପର୍ଶ
ନା ତାଙ୍କୁ ଶ୍ରବଣ ନା ତାଙ୍କୁ ଦର୍ଶନ
ସମ୍ଭବ ଯେଣୁ ସେ ଦୂରେ
ଉତ୍ସୁକତାବଶ ପ୍ରେରିତ ସନ୍ଦେଶ
ଶୁଣିବ ମୋ ମାଧ୍ୟମରେ ॥

Digitized by PPRACHIN, SOA

ଓ ॥ ୪୧ ॥ ଓ

**ଶ୍ୟାମାସ୍ୱଙ୍ଗଂ ଚକିତହରିଣୀ ପ୍ରେକ୍ଷଣେ ଦୃଷ୍ଟିପାତଂ**
**ବକ୍ତ୍ରାଚ୍ଛାୟାଂ ଶଶିନି ଶିଖିନାଂ ବର୍ହଭାରେଷୁ କେଶାନ୍ ।**
**ଉତ୍ପଶ୍ୟାମି ପ୍ରତନୁଷୁ ନଦୀବୀଚିଷୁ ଭ୍ରୂ ବିଳାସାନ୍**
**ହନ୍ତୈକସ୍ମିନ୍ କ୍ୱଚିଦପି ନ ତେ ଚଣ୍ଡି ! ସାଦୃଶ୍ୟମାସ୍ତି ॥**

ତୁମ ଅଙ୍ଗବଲ୍ଲୀ କୋମଳ ପିପ୍ପଳୀ
ଲତାଠାରୁ ବି କୋମଳ
ତୁମ ସେ ଚାହାଣି ଚକିତ ହରିଣୀ
ଚାହାଣି ଠାରୁ ଚଞ୍ଚଳ
ତୁମ ମୁଖ ଶୋଭା ଅତି ମନଲୋଭା
ଚନ୍ଦ୍ରମାକୁ ମଣେ ତୁଚ୍ଛ
ତୁମ କୃଷ୍ଣ କେଶ କରେ ଉପହାସ
କାଳିମାରେ ଶିଖିପୁଚ୍ଛ
ପ୍ରତନୁ ସରିତା ବିଚିର ସୌମ୍ୟତା
ଦେଖି ତୁମ ଭ୍ରୂଚାଳନ
ଶରମି ଯାଆନ୍ତି କେହିବି ନୁହନ୍ତି
ତୁମ ରୂପକୁ ସମାନ ॥



Digitized by PPRACHIN, SOA

ᔕ ॥ ୪୨ ॥ ᔓ

**ତ୍ୱମାଲିଖ୍ୟ ପ୍ରଣୟକୁପିତାଂ ଧାତୁରାଗୈଃ ଶିଳାୟା-**
**ମାତ୍ମାନଂ ତେ ଚରଣପତିତଂ ଯାବଦିଚ୍ଛାମି କର୍ତୁମ୍ ।**
**ଅସ୍ରୈ ସ୍ତାବନ୍ମୁହୁରୁପଚିତୈର୍ଦୃଷ୍ଟିରାଲୁପ୍ୟତେ ମେ**
**କ୍ରୁରସ୍ତସ୍ମିନ୍ନାପି ନ ସହତେ ସଙ୍ଗମଂ ନୌ କୃତାନ୍ତଃ ॥**

ହେ ମୋର ମାନିନୀ ପ୍ରେମେ ଅଭିମାନୀ
ତୁମ ଠାରୁ ରହି ଦୂରେ
ତୁମ ରୂପ ଭାବି ଆଙ୍କେ ତୁମ ଛବି
ଗୈରିକ ବର୍ଣ୍ଣେ ଶିଳାରେ
ଚିତ୍ରରେ ତୁମର- ପଦ-ପରେ, ମୋର
ପଡିଥିବା ଏକ ଛବି
ଆଙ୍କିବାକୁ ମନ କରନ୍ତେ ନୟନ
ଲୋତକରେ ଯାଏ ଦ୍ରବି
ଚିତ୍ରରେ ମିଳନ ରହଇ ଅପୂର୍ଣ୍ଣ
କେତେ କଠୋର ସେ ବିହି
ପ୍ରକୃତ ମିଳନ ହେବକି ସମ୍ପୂର୍ଣ୍ଣ
ପାରିବକି ସିଏ ସହି ॥

Digitized by PPRACHIN, SOA

ᔕ ॥ ୪୩ ॥ ᔓ

**ମାମାକାଶପ୍ରଣିହିତଭୁଜଂ ନିର୍ଦୟାଶ୍ଲେଷହେତୋ–**
**ର୍ଲବ୍ଧାୟାସ୍ତେ କଥମପି ମୟା ସ୍ୱପ୍ନସନ୍ଦେଶଂନେଷୁ ।**
**ପଶ୍ୟନ୍ତିନାଂ ନ ଖଳୁ ବହୁଶୋ ନ ସ୍ଥଳୀଦେବତାନାଂ**
**ମୁକ୍ତାସ୍ଥୂଳାସ୍ତରୁକିସଳୟେଷ୍ୱଶ୍ରୁଲେଶାଃ ପତନ୍ତି ॥**

ସ୍ୱପ୍ନରେ ବିଶେଷ କରି ମୁଁ ପ୍ରୟାସ
ପାଇ ତୁମ ଦରଶନ
ପ୍ରସାରିଣ ହସ୍ତ ହୁଅଇ ଉଦ୍ୟତ
କରିବାକୁ ଆଲିଙ୍ଗନ
ଦେଖି ମୋ ଅବସ୍ଥା ଦୁଃଖେ ଅଭିଭୂତା
ହୋଇ ବନଦେବୀ ଗଣ
ତରୁ ପଲ୍ଲବରେ ମୁକ୍ତା ଆକାରରେ
କରନ୍ତି ଅଶ୍ରୁ ମୋଚନ ॥

Digitized by PPRACHIN, SOA

॥ ୪୪ ॥

ଭିତ୍ୱା ସଦ୍ୟଃ କିସଲୟପୁଟା–ନ୍ଦେବଦାରୁଦ୍ରୁମାଣାଂ
ଯେ ତତ୍‌କ୍ଷୀରସ୍ରୁ ତିସୁରଭୟୋ ଦକ୍ଷିଣେନ ପ୍ରବୃତ୍ତାଃ ।
ଆଲିଙ୍ଗ୍ୟନ୍ତେ ଗୁଣବତି ! ମୟା ତେ ତୁଷାରାଦ୍ରିବାତାଃ
ପୂର୍ବଂ ସ୍ପୃଷ୍ଟଂ ଯଦି କିଳ ଭବେଦଙ୍ଗମେଭିସ୍ତବେତି ॥

ହିମଗିରି ଠାରୁ ଉତ୍ତର ଦିଶାରୁ
ବହେ ଉତ୍ତରା ପବନ
ଛୁଇଁ ସେ ପବନ ଦେବଦାରୁ ପର୍ଣ୍ଣ
ପୁଲକିତ ଛନ୍ନ ଛନ୍ନ
ସେ ତରୁ ନିର୍ଯ୍ୟାସ ଭରଇ ସୁବାସ
ସୁରଭିତ ସେ ପବନ
ପହିଲି ପରଶ କରିବ ଅବଶ୍ୟ
ତୁମ ଚାରୁ ଅପଘନ
ସେହି ସମ୍ଭାବନା କରି ମୁଁ କଳ୍ପନା
ସେ ସୁରଭିତ ସମୀରେ
ତୁମର ପରଶ ଲଭିବାର ଆଶେ
ତାକୁ ଆଲିଙ୍ଗନ କରେ ॥

Digitized by PPRACHIN, SOA

॥ ୪୫ ॥

**ସଂକ୍ଷିପ୍ୟତେ କ୍ଷଣ ଇବ କଥଂ ଦୀର୍ଘଯାମା ତ୍ରିଯାମା**
**ସର୍ବାବସ୍ଥାସ୍ୱହରପି କଥଂ ମନ୍ଦମନ୍ଦାତପଂ ସ୍ୟାତ୍ ।**
**ଇତ୍ଥଂ ଚେତଶ୍ଚଟୁଳନୟନେ ! ଦୁର୍ଲଭପ୍ରାର୍ଥନଂ ମେ**
**ଗାଢୋଷ୍ମାଭିଃ କୃତମଶରଣଂ ତ୍ୱଦ୍ୱିୟୋଗବ୍ୟଥାଭିଃ ॥**

ଚାହେଁ ମୋର ମନ ସନ୍ତପ୍ତ ଏ ଦିନ
ହୋଇ ଯାଆନ୍ତା ଶୀତଳ
ଦୀର୍ଘ ଏହି ରାତ୍ର ରହି କ୍ଷଣେ ମାତ୍ର
ପାହି ଯାଆନ୍ତା ଚଞ୍ଚଳ
ହେ ମୋର ମାନିନୀ ଚଞ୍ଚଳ ନୟନୀ
କଠିନ ଏ ମନୋରଥ
ତତ୍ ସଙ୍ଗେ ବିରହ ଲାଗେ ଦୁର୍ବିସହ
ମଣେ ନିଜକୁ ଅନାଥ ॥

Digitized by PPRACHIN, SOA

ഗ ॥ ୪୬ ॥ ൿ

ନନ୍ୱାତ୍ମାନଂ ବହୁ ବିଗଣୟନ୍ନାତ୍ମନୈବାବଲମ୍ବେ
ତତ୍କଲ୍ୟାଣି ! ତ୍ୱମପି ନିତରାଂ ମାଗମଃ କାତରତ୍ୱମ୍ ।
କସ୍ୟାତ୍ୟନ୍ତଂ ସୁଖମୁପନତଂ ଦୁଃଖମେକାନ୍ତୋ ବା
ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମିକ୍ରମେଣ ॥

ଶୁଣ ଆହେ ଗୋରୀ ମନେ ମୋ ବିଚାରି
ରହିଅଛି ଧୈର୍ଯ୍ୟ ଧରି
ଏଣୁ ପ୍ରିୟା ମୋର ନହୋଇ କାତର
ରହିବ ଭୟ ନକରି
କେହି ଅତ୍ୟଧିକ ସୁଖ ଅବା ଦୁଃଖ
ସର୍ବଦା ଭୋଗୁ ନଥାଏ
ରଥଚକ୍ର–ଅକ୍ଷ ପ୍ରାୟ ସୁଖ ଦୁଃଖ
ଅଧ ଊର୍ଦ୍ଧ୍ୱ ହେଉଥାଏ ॥

Digitized by PPRACHIN, SOA

।। ୪୭ ।।

**ଶାପାନ୍ତୋ ମେ ଭୁଜଗଶୟାନାଦ୍ ଉତ୍ଥିତେଶାର୍ଙ୍ଗପାଣୌ**
**ଶେଷାନ୍ମାସାନ୍ ଗମୟ ଚତୁରୋ ଲୋଚନେ ମିଳୟିତ୍ୱା ।**
**ପଶ୍ଚାଦାବାଂ ବିରହଗଣିତଂ ତଂ ତମାତ୍ମାଭିଳାଷଂ**
**ନିର୍ବେକ୍ଷ୍ୟାବଃ ପରିଣତଶରଚ୍ଚନ୍ଦ୍ରିକାସୁ କ୍ଷପାସୁ ।।**

ସ୍ୱୟଂ ନାରାୟଣ ଅନନ୍ତ ଶୟନ
କରିବେ ଯେବେ ମୋଚନ
ବିଚ୍ଛେଦର ଦିନ ସେଇ ଦିନ ପୂର୍ଣ୍ଣ
ହେବ ମୋର ପ୍ରିୟା ଜାଣ
ବାକୀ ଚାରିମାସ ନହୋଇ ଉଦାସ
ନେତ୍ରମୁଦି କାଟି ନେବ
ବିରହେ କଳ୍ପିତ ସର୍ବ ମନୋରଥ
ତପୂରେ ପୂର୍ଣ୍ଣ ହୋଇବ
ଋତୁ ପରିଣତ ଶାରଦୀୟ ରାତ୍ର
ଚନ୍ଦ୍ରାତପେ ଭିଜି ଭିଜି
ଭୁଲି ପୂର୍ବ ଦୁଃଖ ହୋଇଣ ଉନ୍ମୁଖ
ପ୍ରେମାଳପେ ଯିବା ମଜ୍ଜି ।।

Digitized by PPRACHIN, SOA

ഗ ॥ ୪୮ ॥ ୦

**ଭୂୟାଶ୍ଚାହ ତ୍ୱମପି ଶୟନେ କଣ୍ଠଲଗ୍ନା ପୁରା ମେ**
**ନିଦ୍ରାଂ ଗତ୍ୱା କିମପି ରୁଦତି ସସ୍ୱନଂ ବିପ୍ରବୁଦ୍ଧା ।**
**ସାନ୍ତର୍ହାସଂ କଥିତମସକୃତ୍ପୃଚ୍ଛତଶ୍ଚ ତ୍ୱୟା ମେ**
**ଦୃଷ୍ଟଃ ସ୍ୱପ୍ନେ କିତବ ! ରମୟନ କାମପି ତ୍ୱଂ ମୟେତି ॥**

ଶୟନ କକ୍ଷରେ ପଲଙ୍କ ଉପରେ
ବିଚ୍ଛେଦ ପୂର୍ବରୁ ଗୋରୀ
ମୋ ଗଳାରେ ହସ୍ତ ଛନ୍ଦି ନିଦ୍ରାଗ୍ରସ୍ତ
ହେଉଥିଲ ହେ ସୁନ୍ଦରୀ
ଦେଖିଣ ସପନ କରି ଉଚ୍ଚେ ସ୍ୱନ
ସହସା ହୋଇ ଜାଗ୍ରତ
କ୍ରୋଧେ ଜର ଜର ନ ଦେଇ ଉତ୍ତର
କ୍ରନ୍ଦନରେ ଥିଲ ରତ
ବହୁ ପ୍ରଶ୍ନ ପରେ କହୁଥିଲେ ଧୀରେ
ମନ୍ଦ ମନ୍ଦ ହସି ହସି
ଦେଖିଲି ସପନ କରୁଛ ରମଣ
ପର ରମଣୀରେ ରସି ॥

Digitized by PPRACHIN, SOA

ଓ ॥ ୪୯ ॥ ଓ

**ଏତସ୍ମାନ୍ମାଂ କୁଶଳିନମଭିଜ୍ଞାନଦାନାଦ୍ବିଦିତ୍ୱା**
**ମା' କୌଳୀନାଦସିତନୟନେ ! ମୟ୍ୟବିଶ୍ୱାସି ି ଭୂଃ ।**
**ସ୍ନେହାନାହୁଃ କିମପି ବିରହେ ଧ୍ୱଂସିନସ୍ତେ ତ୍ୱାଭୋଗା**
**ଦିଷ୍ଟେ ବସ୍ତୁନ୍ୟୁପଚିତରସାଃ ପ୍ରେମରାଶୀଭବନ୍ତି ॥**

ସନ୍ଦେଶରେ ବ୍ୟକ୍ତ ଗୁପତ ସଂକେତ
ଶୁଣି ହେ କୃଷ୍ଣ ନୟନୀ
ତୁମ ପ୍ରାଣନାଥ ଅଛନ୍ତି ଜୀବିତ
ବୋଲି ପାରିଥିବ ଜାଣି
ଅପବାଦ ଭୟ ଆଣିବ ସଂଶୟ
ହରାଇବ ନାହିଁ ଆଶ
ପତିବ୍ରତା ନାରୀ ରଖିଥାଏ ଜାରୀ
ପତି ପରେ ତା ବିଶ୍ୱାସ
''ବିୟୋଗରେ ସ୍ନେହ ହୋଇଥାଏ କ୍ଷୟ''
ଏ କଥା ନୁହଁଇ ସତ
ବରଂ ଉପଭୋଗ ନହେବାରୁ ଯୋଗ
ହୋଇ ହୁଏ ପୁଞ୍ଜୀଭୂତା ॥



Digitized by PPRACHIN, SOA

॥ ୫୦ ॥

ଆଶ୍ୱାସ୍ୟୈବଂ ପ୍ରଥମବିରହୋଦଗ୍ରଶୋକାଂ ସଖୀଂ ତେ
ଶୈଳାଦାଶୁ ତ୍ରିନୟନବୃଷୋତ୍ଖାତକୂଟାନ୍ନିବୃତଃ ।
ସାଭିଜ୍ଞାନପ୍ରହିତକୁଶଳୈ–ସ୍ତଦ୍ୱଚୋଭିର୍ମମାପି
ପ୍ରାତଃ କୁନ୍ଦପ୍ରସବଶିଥିଳଂ ଜୀବିତଂ ଧାରୟେଥାଃ ॥

ପ୍ରଥମ ବିରହ ଅତି ଦୁର୍ବିସହ
ମୋ ପ୍ରିୟା ଦୁଃଖ ବେଦନା
କରିବ ମୋଚନ ଦେଇ ଶଖା ଘନ
ଏ ପ୍ରକାର ଆଶ୍ୱାସନା
ସଂକେତ ସହିତ ସନ୍ଦେଶ ପ୍ରାପତ
କରିବ ମୋ ପ୍ରିୟା ଠାରୁ
ନକରି ବିଳମ୍ବ ଲେଉଟି ଆସିବ
ଚଞ୍ଚଳ ସେ କୈଳାସରୁ
ଶୁଣ ଆହେ ମିତ ପ୍ରାତଃ ପ୍ରସ୍ଫୁଟିତ
କୁନ୍ଦ କୁସୁମ ସମାନ
ଦୁର୍ଲଭ ଏ ପ୍ରାଣ କରିବ ତାରଣ
ଦେଇ ମୋ ପ୍ରିୟା ବଚନ ॥

Digitized by PPRACHIN, SOA

ଠ॥ ୫୧ ॥ଠ

**କଚ୍ଚିତ ସୌମ୍ୟ ! ବ୍ୟବସିତମିଦଂ ବନ୍ଧୁକୃତ୍ୟଂ ତ୍ୱୟା ମେ**
**ପ୍ରତ୍ୟାଦେଶାନ୍ନ ଖଳୁ ଭବତୋ ଧୀରତାଂ କ ୍ୟାମି ।**
**ନିଃଶବ୍ଦୋପି ପ୍ରଦିଶସି ଜଳଂ ଯାଚିତଶ୍ଚାତକେଭ୍ୟଃ**
**ପ୍ରତ୍ୟୁକ୍ତଂ ହି ପ୍ରଣୟିଷୁ ସତାମୀପ୍ସିତାର୍ଥକ୍ରିୟୈବ ॥**

ଶୁଣ ହେ ସଜ୍ଜନ ମୋ କାର୍ଯ୍ୟ ସମ୍ପନ୍ନ
କରିବା ମନେ ନିଶ୍ଚୟ
କରିଛକି ନାହିଁ ଭାବିବି କିମ୍ପାଇଁ
ନାହିଁ ତୁମକୁ ସନ୍ଦେହ
ଚାତକ ପ୍ରାର୍ଥନା ସ୍ୱୀକୃତି ସୂଚନା
ବିନା କର ଜଳ ଦାନ
ମୁଁ କିମ୍ପା କଳ୍ପନା- କରିବି, ପ୍ରାର୍ଥନା
ହେବ ନାହିଁ ମୋର ପୂର୍ଣ୍ଣ
ଯାଚକ ଯାଚନା ଶୁଣି ଆନମନା
ହୁଅନ୍ତି ନାହିଁ ସଜ୍ଜନ
ତାର ପ୍ରୟୋଜନ କରିଣ ପୂରଣ
ଦେଇଥାନ୍ତି ପ୍ରତିଦାନ ॥



Digitized by PPRACHIN, SOA

ᔕ ॥ ୫୨ ॥ ᔓ

**ଏତତ୍କୃତ୍ୱା ପ୍ରିୟମନୁଚିତପ୍ରାର୍ଥନାବର୍ତିନୋ ମେ**
**ସୌହାର୍ଦାଦ୍ୱା ବିଧୁର ଇତି ବା ମୟ୍ୟନୁକ୍ରୋଶବୁଦ୍ଧ୍ୟା ।**
**ଇଷ୍ଟାନ୍ଦେଶାନ୍ ବିଚର ଜଳଦ ! ପ୍ରାବୃଷା ସମ୍ଭୃତଶ୍ରୀ–**
**ର୍ମାଭୂଦେବଂ କ୍ଷଣମପି ଚ ତେ ବିଦ୍ୟୁତା ବିପ୍ରୟୋଗଃ ॥**

ମିତ୍ର ଅନୁରାଗ ବିରହ ବିରାଗ
ଅବା ତୁମର କରୁଣା
କାରଣରୁ ମୁହିଁ କରୁଛି ମୋ ପାଇଁ
ଅନୁଚିତ ଏ ଯାଚନା
ନେଇ ଏ ସନ୍ଦେଶ ମୋ ପ୍ରିୟାର ପାଶ
ଅବଶ୍ୟ ପହଞ୍ଚାଇବ
ତପ୍ତରେ ହେ ମିତ ହୋଇ ସୁଶୋଭିତ
ଅଭିଷ୍ଟ ଦେଶେ ଚଳିବ
ମୋ ପରି ବିରହ ଦୁଃଖ ଦୁର୍ବିସହ
ନହେଉ କେବେ ତୁମର
ପତ୍ନୀ ସୌଦାମିନୀ ସଙ୍ଗେ ଥିବ ଘେନି
କ୍ଷଣେ ନକରି ଅନ୍ତର ॥

Digitized by PPRACHIN, SOA

ବାଉରିବନ୍ଧୁ ଲେଙ୍କା

# କବି ପରିଚୟ

ଶ୍ରୀ ବାଉରିବନ୍ଧୁ ଲେଙ୍କାଙ୍କର  ଜନ୍ମ ତା୧୨.୦୨.୧୯୫୩ରିଖ ରେ କଟକ ଜିଲ୍ଲାର ଏକ ଅଖ୍ୟାତ ଗ୍ରାମ ତରଡ଼ାପଡ଼ାରେ ହୋଇଥିଲା । ପାଠପଢ଼ା ସମୟରେ କବିତା ପ୍ରତି ଯଦିଓ ତାଙ୍କର ବହୁତ ଆଗ୍ରହ ଥିଲା ନିଜ ଭିତରେ ସେ ତାଙ୍କର ପ୍ରତିଭାକୁ ଲୁଚାଇ ରଖିଥିବାରୁ ଲୋକଲୋଚନକୁ ଆସିପାରି ନଥିଲା । କଲେଜରେ ପଢ଼ିବା ସମୟରେ ରଚିତ ତାଙ୍କର କିଛି କବିତା ତାଙ୍କର ପ୍ରଥମ କବିତା ସଂକଳନ ''ଖୋଲି କହିଦେଲି କଥା ମନର''ରେ ପ୍ରକାଶିତ ହୋଇଛି । ଶ୍ରୀ ଲେଙ୍କା ପାଠପଢ଼ା ପରେ ବ୍ୟାଙ୍କ୍ ସେବାରେ ସେବାରତ ରହି ସାହିତ୍ୟ ସାଧନାକୁ ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇଥିଲେ । ଅବସର ନେବା ପରେ ପୁନଶ୍ଚ ତାଙ୍କର ମନରେ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି ହୋଇଥିଲା ଓ ସେ କବିତା ଲେଖାରେ ନିଜକୁ ହଜାଇ ଦେଇଛନ୍ତି । ''ମେଘଦୂତ''କୁ ସେ ଓଡ଼ିଆରେ ପଦ୍ୟାନୁବାଦ କରିଛନ୍ତି ଯାହା ପ୍ରକାଶିତ ହେବାକୁ ଯାଉଛି । ତାଙ୍କର ଅନେକ କବିତା ଅପ୍ରକାଶିତ ଅବସ୍ଥାରେ ରହିଛି । କ୍ରମଶଃ ତାହା ପ୍ରକାଶିତ ହେବ ବୋଲି ଆମେ ଆଶା କରୁଛୁ । ଅନୁବାଦ କାବ୍ୟ ମେଘଦୂତ ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।

ଶ୍ରୀ ଲେଙ୍କାଙ୍କର ଲେଖନୀରୁ ଆହୁରି ଅନେକ କବିତା ସୃଷ୍ଟି ହେଉ ଏବଂ ତାହା ପାଠକୀୟ ଆଦୃତି ଲାଭ କରୁ ଏହା ହିଁ ଆମର କାମନା ଓ ପ୍ରାର୍ଥନା ।

ଆସ୍ଥା ମିଡିଆ
ଭୁବନେଶ୍ୱର

Digitized by PPRACHIN, SOA